ବର୍ଷ-୨୬, ସଂଖ୍ୟା-୩୧୧
ଭୁବନେଶ୍ୱର
ନଭେମ୍ବର, ୨୧, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 311
Bhubaneswar
November, 21, 2026, Saturday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com



ଜେନ ଜିଙ୍କୁ ଅନନ୍ୟା ପାଣ୍ଡେଙ୍କ ପରାମର୍ଶ

ଚାଷୀଙ୍କୁ ଡୁବେଇଦେଲା ଅକଭାନ

ଭୁବନେଶ୍ୱର ୨୦।୧୧(ମହାଭାରତ): ବାରମ୍ବାର ଗତିପଥ ବଦଳାଇବା ସହ ଚକମା ଦେଉଥିବା ବାତ୍ୟା 'ଅକ୍‌ଭାନ୍' ମୁହଁରୁ ବର୍ତ୍ତିଛି ଓଡ଼ିଶା। ଭୀଷଣ ରୂପ ଧରି ଉପକୂଳମୁହାଁ ହେଉଥିବା 'ଅକ୍‌ଭାନ୍' ଲ୍ୟାଣ୍ଡଫଲ୍ କରିବାର ଶେଷ ୧୨ ଘଣ୍ଟାରେ ମାଟି କାମୁଡ଼ିଥିଲା। ବାତ୍ୟା ରୂପ ନେବା ପରେ ସମୁଦ୍ର ମଧ୍ୟରେ ଘଣ୍ଟାପ୍ରତି ୩ କିମି ବେଗରେ ଆସୁଥିବା 'ଅକ୍‌ଭାନ୍' ଶେଷ ୪ ଘଣ୍ଟା ୨୬ କିମି ବେଗରେ କ୍ଷିପ୍ର ଗତିରେ ଉପକୂଳ ଆଡ଼କୁ ମାଡ଼ି ଆସିଥିଲା। ପରିମାଣସ୍ୱରୂପ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନର ୪ ଘଣ୍ଟା ଆଗରୁ ଆଜି ସକାଳ ସାଢେ ୭ଟାରୁ ସାଢେ ୮ଟା ମଧ୍ୟରେ ବାତ୍ୟା ରୂପରେ ଓଡ଼ିଶା ଉପକୂଳ ଗୋପାଳପୁର ନିକଟରେ ଲ୍ୟାଣ୍ଡଫଲ୍ କରିଥିଲା। ସ୍ଥଳଭାଗକୁ ପ୍ରବେଶ ପରେ ଦୁର୍ବଳ ହେବା ସହ ଘଣ୍ଟାପ୍ରତି ପବନର ବେଗ ୭୦ରୁ ୮୦ କିମି ରହିଥିଲା। ଝଟକା ପବନର ବେଗ ୯୦ ଛୁଇଁଥିଲା। ପୂର୍ବାହ୍ନ ବେଳକୁ ଏହା ଓଡ଼ିଶା ମଧ୍ୟ ଦେଇ ଉତ୍ତର-ଉତ୍ତରପୂର୍ବ ଦିଗରେ ଗତି କରି ମଧ୍ୟାହ୍ନରେ ଗଭୀର ଅବପାତ ଓ ସନ୍ଧ୍ୟାରେ ଅବପାତରେ ପରିଣତ ହୋଇଥିଲା। ରାତି ବେଳକୁ ଏହା କେନ୍ଦ୍ରୀୟ ଓଡ଼ିଶା ଉପରେ ଏକ ଲଘୁଚାପ କ୍ଷେତ୍ର ଭାବେ କେନ୍ଦ୍ରୀଭୂତ ହୋଇଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଛି।

ଉପକୂଳ ଛୁଇଁବା ପରେ 'ଅକ୍‌ଭାନ୍' ଦୁର୍ବଳ ହୋଇଯିବାରୁ ଓଡ଼ିଶା ଉପରେ ସେତେଟା ପ୍ରଭାବ ପଡ଼ିନାହିଁ। ପବନ କମ୍ ରହିଥିଲେ ମଧ୍ୟ ବର୍ଷା ପରିମାଣ ଅଧିକ ଥିଲା, ଯାହାକି ଏବେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଅମଳ ସମୟରେ ଧାନ ଫସଲକୁ 'ଅକ୍‌ଭାନ୍' ଏକପ୍ରକାର ଉଜାଡ଼ି ଦେଇଛି। ଦୁଇ ଦିନ ତଳେ ଯେଉଁ ଚାଷ ଜମିରେ ସୁନାର ଫସଲ ହସୁଥିଲା, ଆଜି ସେଠାରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଗଞ୍ଜାମଠାରୁ କେନ୍ଦ୍ରାପଡ଼ା, ପୁରୀରୁ ବାଲେଶ୍ୱର; ସବୁଠି ହେକ୍ଟର ହେକ୍ଟର ଧାନଜମିରେ ପାଣି ରହିଛି। ଧାନଗଛ ପାଣିରେ ବୁଡ଼ି ରହିଥିବାରୁ ଫସଲ ପଚିଯିବାର ଆଶଙ୍କା ଦେଖାଦେଇଛି, ଯାହାକି ଚାଷୀଙ୍କ ଚିନ୍ତାକୁ



ଆହୁରି ବଢ଼ାଇ ଦେଇଛି। ଅନେକ ଚାଷୀ ଧାରକରଜ କରି କିମ୍ବା ଋଣ ଆଣି ଚାଷ କରିଥିଲେ। ଏବର୍ଷ ଭଲ ଅମଳ ହେବ ଏବଂ ଧାନ ବିକ୍ରି କରି ଋଣ ଶୁଝିବେ ବୋଲି ଆଶା ରଖିଥିଲେ। ମାତ୍ର ଏବେ ସେମାନଙ୍କ ସ୍ୱପ୍ନ ଉଜୁଡ଼ି ଯାଇଛି। ବର୍ଷକର ଦାନା ବୁଡ଼ିବାକୁ ବସିଛି। ରାଜ୍ୟ ସରକାର ସହାୟତା ଦେବେ ବୋଲି ଘୋଷଣା କରିଛନ୍ତି ସତ, ହେଲେ କେତେ କ୍ଷତିପୂରଣ ମିଳିବ, କିଭଳି ଆକଳନ କରାଯିବ, ସରକାରୀ ସହାୟତା କେବେ ମିଳିବ ତାହାକୁ ନେଇ ଚାଷୀଙ୍କ ମନରେ ପ୍ରଶ୍ନ ଉଠିଲାଣି।

ଗତକାଲି ସକାଳଠାରୁ ଆଜି ସକାଳ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୪.୬ ମିମି, କେନ୍ଦ୍ରାପଡ଼ାରେ ୬୪.୬ ମିମି, ପୁରୀରେ ୬୧.୧ ମିମି, ଜଗତସିଂହପୁରରେ ୫୧.୩ ମିମି, ଭଦ୍ରକରେ ୫୦.୯ ମିମି, ମୟୂରଭଞ୍ଜରେ ୪୩.୯ ମିମି, ବାଲେଶ୍ୱରରେ ୪୩.୬ ମିମି, କଟକରେ ୪୦.୪ ମିମି, ଯାଜପୁରରେ ୩୭.୫ ମିମି, ନୟାଗଡ଼ରେ ୩୩.୮ ମିମି, କନ୍ଧମାଳରେ ୩୩.୫ ମିମି, ଢେଙ୍କାନାଳରେ ୩୨.୪ ମିମି, କେନ୍ଦୁଝରରେ ୨୯.୮ ମିମି, ଖୋରଧାରେ ୨୪.୫ ମିମି ବର୍ଷା ହୋଇଥିଲା। ଗଞ୍ଜାମ ଜିଲ୍ଲାର ପାତ୍ରପୁରରେ ସର୍ବାଧିକ ୨୦୯ ମିମି ବର୍ଷା ରେକର୍ଡ କରାଯାଇଛି। ଆଜି ସକାଳଠାରୁ ସନ୍ଧ୍ୟା ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଛି। ଶନିବାର ସକାଳ ସୁଦ୍ଧା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ପୁରୀ, ଖୋରଧା ଓ ନୟାଗଡ଼ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ଉପକୂଳ ଓଡ଼ିଶାରେ ବିଜୁଳି, ଘଡ଼ଘଡ଼ି ସହ ପବନ ହୋଇପାରେ। ଅପରାହ୍ଣଠାରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ଆକଳନ କରାଯାଇଛି।

ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କହିବାନୁଯାୟୀ, ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ବାତ୍ୟାଟି ସମୁଦ୍ରରୁ ମିଳୁଥିବା ଉଷ୍ମ ଓ ଆର୍ଦ୍ର ବାୟୁରୁ ବିଚ୍ଛିନ୍ନ ହୋଇଯାଇଥିଲା। ସ୍ଥଳଭାଗର ଘର୍ଷଣ ଯୋଗୁଁ ଏହାର ପବନର ବେଗ କମିଥିଲା। ଉପକୂଳବର୍ତ୍ତୀ ଥଣ୍ଡା ସମୁଦ୍ରଜଳ ଓ ଶୁଷ୍କ ବାୟୁର ପ୍ରବେଶ ହିଁ ବାତ୍ୟାର ଶକ୍ତି ହ୍ରାସ ପାଇବାର ପ୍ରମୁଖ କାରଣ ବୋଲି ସେ କହିଛନ୍ତି।

ଓଡ଼ିଶାକୁ ବନ୍ୟା ଭୟ ନାହିଁ

ଭୁବନେଶ୍ୱର, ୨୦।୧୧(ମହାଭାରତ): ବାତ୍ୟା 'ଅକଓ୍ୱାନ' ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିଲେ ମଧ୍ୟ ତୁରନ୍ତ ବନ୍ୟା ଆଶଙ୍କା ନାହିଁ। ରାଜ୍ୟର କୌଣସି ଅଞ୍ଚଳରେ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ। ଆଗାମୀ କିଛି ଦିନ ମଧ୍ୟରେ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିବାର ସମ୍ଭାବନା ମଧ୍ୟ କମ୍ ରହିଛି। ଏଭଳି ଆଶ୍ୱସ୍ତିକର ସୂଚନା ଦେଇଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ।



ବାତ୍ୟା 'ଅକଓ୍ୱାନ' ପ୍ରଭାବରେ ରାଜ୍ୟର ଅନେକ ଅଞ୍ଚଳରେ ବର୍ଷା ହୋଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୯ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ପୁରୀରେ ୬୧ ମିଲିମିଟର ବର୍ଷା ହୋଇଛି। ଏହାବ୍ୟତୀତ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି।

ବର୍ଷା ପରେ ଋଷିକୁଲ୍ୟା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜଳସ୍ତର ଆହୁରି ବଢ଼ିପାରେ। ତେବେ ଏହା ବିପଦ ସଙ୍କେତ ଅତିକ୍ରମ କରିବାର ଆଶଙ୍କା ନାହିଁ ବୋଲି ଦିଲୀପ ରାଉତ କହିଛନ୍ତି।

ବାତ୍ୟା ଆସିବା ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଭିନ୍ନ ଡ୍ୟାମ୍‌ରୁ ପ୍ରାୟ ୫୦ ପ୍ରତିଶତ ଜଳ ଛଡ଼ାଯାଇଥିଲା। ବର୍ତ୍ତମାନ ସମସ୍ତ ଡ୍ୟାମ୍ ବନ୍ଦ ରହିଛି ଏବଂ କୌଣସି ଜଳଭଣ୍ଡାରରୁ ପାଣି ଛଡ଼ାଯାଉନାହିଁ। ବର୍ତ୍ତମାନ ବର୍ଷାଜଳକୁ ସଂରକ୍ଷଣ କରାଯାଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।ରାଜ୍ୟର ନଦୀଗୁଡ଼ିକରେ ବନ୍ୟା ଆଶଙ୍କା କମ୍ ରହିବାର ଆଉ ଏକ କାରଣ ହେଉଛି ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇନାହିଁ। ଦିଲୀପ ରାଉତଙ୍କ କହିବା ଅନୁସାରେ, ଝାଡ଼ଖଣ୍ଡରେ ବର୍ଷା ହେଲେ ମଧ୍ୟ ସେଠାରୁ ଜଳ ପ୍ରବାହ ଓଡ଼ିଶାରେ ପହଞ୍ଚିବାକୁ ପ୍ରାୟ ୩ ଦିନ ସମୟ ଲାଗିବ। ତେଣୁ ଏହି ସମୟ ମଧ୍ୟରେ ବିଭାଗ ପରିସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେଇପାରିବ। ବର୍ତ୍ତମାନ ଜଳସମ୍ପଦ ବିଭାଗର ଇଞ୍ଜିନିୟର ଓ ଅଧିକାରୀମାନେ ନଦୀର ଜଳସ୍ତର, ଜଳଭଣ୍ଡାର ଏବଂ ସମଗ୍ର ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ସମସ୍ତଙ୍କୁ ହାଇ ଆଲର୍ଟରେ ରଖାଯାଇଛି।

ସୋମବାର ଯାଏଁ ବିଧାନସଭା ମୁଲତବୀ

ଭୁବନେଶ୍ୱ, ୨୦।୧୧(ମହାଭାରତ):: ଲଗାତାର ତୃତୀୟ ଦିନ ପାଇଁ ବିଧାନସଭା ଚାଲିପାରିନି। ବନ୍ୟା ପରିଚାଳନା ବିଫଳତା ଓ କୋଟିଆ ପ୍ରସଙ୍ଗରେ ବିରୋଧୀ ଦଳ ହୋହଲ୍ଲା ଜାରି ରଖିଛନ୍ତି। ଫଳରେ ଗୃହକାର୍ଯ୍ୟ ଗତ ଦୁଇଦିନ ପରି ଆଜି ବି ବାଧାପ୍ରାପ୍ତ ହୋଇଛି। ତେବେ ବାତ୍ୟା 'ଅକ୍‌ଭାନ୍' ପାଇଁ ଆସନ୍ତାକାଲି ଗୃହକାର୍ଯ୍ୟ ବନ୍ଦ ରଖାଯାଇଛି। ସୋମବାରଠାରୁ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବ। ବିଧାନସଭାକୁ ସ୍ୱାଭାବିକ କରିବା ପାଇଁ ଗତକାଲି ଅପରାହ୍ନରେ ସର୍ବଦଳୀୟ ବୈଠକ ବସିଥିଲା। ତେବେ ସେଥିରେ କିଛି ନିଷ୍କର୍ଷ ଆସି ପାରି ନଥିଲା। ତେଣୁ ଆଜି ଗୃହ ସ୍ୱାଭାବିକ ହେବନି ବୋଲି ଅନୁମାନ କରାଯାଉଥିଲା। ଶେଷରେ ତାହା ହିଁ ହେଲା। ଆଜି ଗୃହକାର୍ଯ୍ୟ ଆରମ୍ଭ ହେଲାମାତ୍ରେ ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟ ଭାଗକୁ ମାଡ଼ି ଆସିଥିଲେ। ଗଞ୍ଜାମରେ ବନ୍ୟା ପରିଚାଳନା ବିଫଳତା ପାଇଁ ସରକାରଙ୍କୁ ଦୋଷ ଦେଇ ବିଜେଡି ସଭ୍ୟମାନେ ହୋହଲ୍ଲା କରିଥିଲେ।

କୋଟିଆ ପ୍ରସଙ୍ଗରେ କଂଗ୍ରେସ ସଭ୍ୟମାନେ ଗର୍ଜିଥିଲେ। ଉଭୟ ବିଜେଡି ଓ ବିଜେପି କୋଟିଆ



ସମସ୍ୟାକୁ ବଢ଼ାଇ ଦେଇଛନ୍ତି ବୋଲି ସେମାନେ ଆରୋପ ଲଗାଇଥିଲେ। ଏମିତି ହୋହଲ୍ଲା ଭିତରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ରଖିଥିଲେ। କିନ୍ତୁ ପାଟିତୁଣ୍ଡ ଭିତରେ କିଛି ଶୁଣାଯାଇ ନଥିଲା। ଫଳରେ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୧୧ଟା ୩୦ରେ ବି ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ବିରୋଧୀ ଦଳ ସଭ୍ୟ ଗୃହ ମଧ୍ୟ ଭାଗକୁ ଆସିଥିଲେ। ଏହି ସମୟରେ ବାଚସ୍ପତି ଘୋଷଣା କରିଥିଲେ ଯେ ଗତକାଲି ସର୍ବଦଳୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ 'ଅକ୍‌ଭାନ୍' ପାଇଁ ବିଧାୟକମାନଙ୍କୁ ନିଜ ନିଜ ଅଞ୍ଚଳକୁ ଯାଇ ସ୍ଥିତି ପଚାରିବାକୁ ପଡ଼ିବ। ତେଣୁ ଆସନ୍ତାକାଲି ଗୃହକାର୍ଯ୍ୟକୁ ମୁଲତବୀ ରଖାଯିବ। ଏହା ପରେ ବାଚସ୍ପତି ଗୃହକୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ବାଲିଯାତ୍ରା ପଡ଼ିଆରେ ଉଡ଼ିବନି ଡ୍ରୋନ

କଟକ, ୨୦।୧୧(ମହାଭାରତ): ଐତିହାସିକ କଟକ ବାଲିଯାତ୍ରା ୨୦୨୬ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବାଲିଯାତ୍ରା ପଡ଼ିଆ ଏବଂ ଏହାର ଆଖପାଖ ୫ କିଲୋମିଟର ପରିଧିକୁ 'ନୋ ଡ୍ରୋନ୍ ଜୋନ୍' ଭାବେ କଟକ ଜିଲ୍ଲାପାଳ ଘୋଷଣା କରିଛନ୍ତି।

ଏହି ନିର୍ଦ୍ଦେଶ ଅନୁସାରେ ନଭେମ୍ବର ୨୨ ତାରିଖରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଯେତେବେଳେ କି ବାଲିଯାତ୍ରା ନଭେମ୍ବର ୨୪ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଭୟ ଉପର ଏବଂ ତଳ ବାଲିଯାତ୍ରା ପଡ଼ିଆ ସମେତ ଏହାର ଚାରିପଟେ ଥିବା ୫ କିଲୋମିଟର ପରିଧି ମଧ୍ୟରେ ଏହି କଟକଣା ଲାଗୁ କରାଯାଇଛି। ଏଥିପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ଛଘଝଝ) ଧାରା ୧୬୩ ଲାଗୁ



ହୋଇଛି। କେବଳ ଡ୍ରୋନ୍ ନୁହେଁ, ପାରାଗ୍ଲାଇଡର୍, ହଟ୍ ଏୟାର ବେଲୁନ୍, ମାଇକ୍ରୋଲାଇଟ୍ ଏୟାରକ୍ରାଫ୍ଟ ଏବଂ ଅନ୍ୟାନ୍ୟ କୌଣସି ପ୍ରକାର ମାନବବିହୀନ ଯାନ ଉଡ଼ାଇବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି।

ଉଦଘାଟନୀ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ବହୁ ଭିଭିଆଇପି ଓ ଭିଆଇପିଙ୍କ ଗସ୍ତ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ନେଇଛି। କେବଳ ସରକାରୀ ଏଜେନ୍ସିଗୁଡ଼ିକୁ ବାଲିଯାତ୍ରା ସୁରକ୍ଷା ତଦାରଖ ପାଇଁ ଡ୍ରୋନ୍ ବ୍ୟବହାର କରିବାକୁ ଅନୁମତି ମିଳିବ। ସେହିପରି ଅନ୍ୟ ଏକ ନିର୍ଦ୍ଦେଶନାମାରେ ଜିଗ୍ଲାପାଳ ତଳ ବାଲିଯାତ୍ରା ପଡ଼ିଆର 'ଗଣେଇ ବୈଷ୍ଣବ ପଣି ମଞ୍ଚ' ଏବଂ 'ଅକ୍ଷୟ ମହନ୍ତି ମଞ୍ଚ'ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାତି ୧୧ଟା ପର୍ଯ୍ୟନ୍ତ ଲାଉଡସ୍ପିକର ବା ଡାକବାଜି ଯନ୍ତ୍ର ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି ।

ନଭେମ୍ବର ଶେଷ ସୁଦ୍ଧା ଭିନ୍ନକ୍ଷମ ବକେୟା ଭତ୍ତା

ଭୁବନେଶ୍ୱର, ୨୦।୧୧(ମହାଭାରତ): : ଦୀର୍ଘ ଦିନର ଅପେକ୍ଷାର ହେବ ଅନ୍ତ। ରାଜ୍ୟର ହଜାର ହଜାର ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ମିଳିବ ବକେୟା ଭତ୍ତା। ନଭେମ୍ବର ମାସ ଶେଷ ସୁଦ୍ଧା ୭,୯୧୮ ଜଣ ହିତାଧିକାରୀଙ୍କ ଖାତାକୁ ବକେୟା ଟଙ୍କା ପଠାଯିବ। ଓଡ଼ିଶା ବିଧାନସଭାରେ ଶୁକ୍ରବାର ଏହି ଆଶ୍ୱାସନ ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।ବିଧାନସଭାର ପ୍ରଶ୍ନକାଳରେ ବିଧାୟକ ଗଣେଶ୍ୱର ବେହେରା ଏହି ପ୍ରସଙ୍ଗ ଉଠାଇଥିଲେ। ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ପେନସନ୍ ଯୋଜନା ଅଧୀନରେ କେତେ ହିତାଧିକାରୀଙ୍କୁ ଭତ୍ତା ମିଳୁଛି ଏବଂ କେଉଁ କାରଣରୁ ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସୁନାହିଁ, ସେନେଇ ସେ ପ୍ରଶ୍ନ କରିଥିଲେ।ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ, ଜାତୀୟ ତଥ୍ୟ ଅନୁସାରେ ଓଡ଼ିଶାରେ ଏହି ଯୋଜନାରେ ମୋଟ ୨୦,୩୩୩,୯୫୯ ଜଣ ହିତାଧିକାରୀ ଅଛନ୍ତି। ସେଥିମଧ୍ୟରୁ ୭,୯୧୮ ଜଣଙ୍କ ଭତ୍ତା ଏପ୍ରିଲ ମାସରୁ ବିଭିନ୍ନ ମାସରେ ବ୍ୟାଙ୍କ ଖାତାକୁ ଯାଇପାରିନାହିଁ।ଆଧାର ଓ ବ୍ୟାଙ୍କ ଖାତା ଲିଙ୍କରେ



ଥିବା ବୈଷୟିକ ସମସ୍ୟା ଯୋଗୁଁ ହିତାଧିକାରୀଙ୍କ ଭତ୍ତା ଟଙ୍କା ଅଟକି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମନ୍ୱୟ ରଖି କାମ କରୁଛନ୍ତି। ଆବଶ୍ୟକ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ନଭେମ୍ବର ଶେଷ ସୁଦ୍ଧା ସମସ୍ତ ବକେୟା ଭତ୍ତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।ଦୀର୍ଘ ଦିନ ଧରି ଭତ୍ତା ଟଙ୍କା ନମିଳିବାରୁ ଅନେକ ଦିବ୍ୟାଙ୍ଗ ଓ ସେମାନଙ୍କ ପରିବାର ଆର୍ଥିକ ସମସ୍ୟାରେ ରହିଥିଲେ। ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଏହି ଭତ୍ତା ଅନେକଙ୍କ ପାଇଁ ମୁଖ୍ୟ ଆଧାର। ତେଣୁ ସରକାରଙ୍କ ଏହି ଘୋଷଣା ହଜାର ହଜାର ପରିବାରକୁ ଆଶ୍ୱସ୍ତି ଦେଇଛି।

ତେବେ ହିତାଧିକାରୀମାନେ ନିଜ ଆଧାର ଓ ବ୍ୟାଙ୍କ ଖାତାର ତଥ୍ୟ ଠିକ୍ ରଖିବା ସହ ଲିଙ୍କ୍ ସମସ୍ୟା ଥିଲେ ତାହାର ସମାଧାନ କରିବା ଆବଶ୍ୟକ। ଯାହାଦ୍ୱାରା ଆଗକୁ ଭତ୍ତା ପ୍ରଦାନରେ ଆଉ କୌଣସି ବାଧା ସୃଷ୍ଟି ହେବ ନାହିଁ।

ମଣିପୁରରେ ଅପମିଶ୍ରିତ ମଦ ତାଣ୍ଡବ

୧୫ ଜଣଙ୍କ ମୃତ୍ୟୁ, ୨୦୦ ଗୁରୁତର

ଇମ୍ଫାଲ୨୦।୧୧(ମହାଭାରତ):: ମଣିପୁରର ଚାନ୍ଦେଲ ଜିଲ୍ଲାରେ ମଦମୃତ୍ୟୁର ତାଣ୍ଡବ ଦେଖିବାକୁ ମିଳିଛି। ହସ୍‌ପିଟାଲ ପରିଦର୍ଶନ କରିଛନ୍ତି। ସେ ସେଠାରେ ଡାକ୍ତର ଏବଂ ରୋଗୀମାନଙ୍କୁ ଭେଟି କଥାବାର୍ତ୍ତା କରିଛନ୍ତି। ଏଥି ସହିତ



ଅପମିଶ୍ରିତ ମଦପିଇ ବିଗତ ୪୮ ଘଣ୍ଟା ମଧ୍ୟରେ ୧୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୦ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ତଦନ୍ତ ରିପୋର୍ଟ ମାଗିଛନ୍ତି।

ଅପମିଶ୍ରିତ ମଦ୍ୟପାନ କରି ଗୁରୁତର ଥିବା ଲୋକଙ୍କୁ ମଣିପୁର ପଶ୍ଚିମରେ ଶିଜା ହସ୍‌ପିଟାଲ ଆଣ୍ଡ ରିସର୍ଚ୍ଚ ଇଷ୍ଟିଚ୍ୟୁଟ ଓ ମଣିପୁର ପୂର୍ବସ୍ଥିତ ବବିନା ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନଙ୍କୁ ଭେଟିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମେଡିକାଲରେ ଚିକିତ୍ସା କିଭଳି ଚାଲିଛି, ସେନେଇ ସମୀକ୍ଷା କରିଛନ୍ତି। ଗୁରୁତରମାନଙ୍କର ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହିତ ଗୁରୁତରମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ଏକ ଅଭାବନୀୟ ଘଟଣା। ଏହି ଘଟଣା ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସାଧାରଣ ଔଷଧ ଏବଂ ମେଡିକାଲ ଷ୍ଟାଫ୍‌ଙ୍କୁ ନେଇ ଏକ ଡାକ୍ତରୀ ଦଳ ପରିସ୍ଥିତି ଉପରେ ଅଧିକ ଜାଣିବା ପାଇଁ ଚାନ୍ଦେଲ ଜିଲ୍ଲାର ବିଭିନ୍ନ ଗ୍ରାମକୁ ଅଭିମୁଖେ ବାହାରିଛନ୍ତି, ଯେଉଁଠାରେ ମଦମୃତ୍ୟୁ ଘଟଣା ଘଟିଛି।

ମଙ୍ଗଳସୂତ୍ର ବନ୍ଧା ପକାଇ ବନ୍ଧୁକରେ ସ୍ୱାମୀଙ୍କୁ ହତ୍ୟା

ସୋନପୁର, ୨୦।୧୧(ମହାଭାରତ):: ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା ଘଟଣାର ପରଦାଫାସ ହୋଇଛି। ପୁଲିସ ମୃତକଙ୍କ ପତ୍ନୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ପରକୀୟା ପ୍ରୀତିକୁ ନେଇ ଘଟିଛି ଏହି ହତ୍ୟାକାଣ୍ଡ। ପ୍ରେମିକ ଓ ଅନ୍ୟ ଜଣେ ଯୁବକଙ୍କୁ ଲଗାଇ ସ୍ୱାମୀଙ୍କୁ ରାସ୍ତାରୁ ହଟା



ଜୀବନଚର୍ଯ୍ୟା



ବେସନ ବର୍ଫି


ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ




ଖବର

କିଡ୍‌ନୀ ଫେଲ୍‌ର ଲକ୍ଷଣ କ'ଣ ?



କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥକୁ ୟୁରିନ୍ ରାସ୍ତା ଦେଇ ବାହାରକୁ ବାହାର କରିବା କାମ କରିଥାଏ। କିନ୍ତୁ ଅନେକ ଥର ଏମିତି ବି ହୋଇଥାଏ ଯେ ଇନଫେକସନ୍ କାରଣରୁ କିଡନୀ ଭଲଭାବେ କାମ କରିନଥାଏ। ଯାହା ପରେ କିଡନୀ ନଷ୍ଟର କାରଣ ସାଜିଥାଏ। କିନ୍ତୁ କଣ ଆପଣଙ୍କୁ ଜଣାଅଛି କିଡନୀ ଫେଲ ହେବା ପୂର୍ବରୁ ଶରୀରରେ ଅନେକ କିଛି ଲକ୍ଷଣ ଦେଖାଯାଇଥାଏ। ଯେଉଁ ଲକ୍ଷଣ ଆପଣଙ୍କୁ ଜଣାଇଥାଏ ଯେ ଆପଣଙ୍କ କିଡନୀ ଡ୍ୟାମେଜ୍ ହେଉଛି। ଭାରତରେ କ୍ରମାଗତ ଭାବେ କିଡନୀ ଫେଲ୍ ସମସ୍ୟା ବଢ଼ିବାରେ ଲାଗିଛି । ଦେଶରେ ପାଖାପାଖି ୧୫ ପ୍ରତିଶତ ଲୋକ କିଡନୀ ସମ୍ପର୍କିତ କୌଣସି ସମସ୍ୟାରେ ପୀଡ଼ିତ ରହିଛନ୍ତି । ପ୍ରତିବର୍ଷ ଦେଶର ପ୍ରତି ୧ ଲକ୍ଷ ଲୋକଙ୍କ ମଧ୍ୟରୁ ୧୦ ଜଣ କିଡନୀ ଡ୍ୟାମେଜ୍ କାରଣରୁ ପ୍ରାଣ ହରାଉଛନ୍ତି । ବର୍ଷକ ମଧ୍ୟରେ ସାରା ଦେଶରେ ପାଖାପାଖି ୮-୧୦ ହଜାର ଲୋକଙ୍କର କିଡନୀ ପ୍ରତ୍ୟାରୋପଣ କରାଯାଇଥାଏ । ଉପଯୁକ୍ତ ଜ୍ଞାନର ଅଭାବ ଓ ଚିକିତ୍ସାର ଅଭାବ କାରଣରୁ ଅନେକ ଲୋକ ମୃତ୍ୟୁମୁଖରେ ପଡୁଥିବା ଦେଖାଯାଉଛି । ଅନେକ ସମୟରେ କୌଣସି ବ୍ୟକ୍ତିଙ୍କର କିଡନୀ ଖରାପ ହେବା ପରେ ସେ ସହାୟତା ପାଇଁ ଅନୁରୋଧ କରିଥାନ୍ତି । ତେବେ ଯଦି ଜଣଙ୍କର ଗୋଟିଏ କିଡନୀ କୌଣସି କାରଣରୁ ଖରାପ ହୋଇଯାଏ ତେବେ ସେ ଅନ୍ୟ କିଡନୀରେ ଜୀବିତ ରହିପାରନ୍ତି । ମାତ୍ର ଏପରି ସ୍ଥିତିରେ ଯଦି ଦୁଇଟି ଯାକ କିଡନୀ ନଷ୍ଟ ହୋଇଯାଏ, ତେବେ ମଣିଷ କ'ଣ ବଞ୍ଚି ପାରିବ ? ଏ ବାବଦରେ ନୂଆଦିଲ୍ଲୀ ସ୍ଥିତ ସାର ଗଙ୍ଗାରାମ ହସ୍ପିଟାଲର ୟୁରୋଲୋଜି ବିଭାଗର ବରିଷ୍ଠ କନସଲଟାଣ୍ଟ ଡା. ସୁଧୀର ଚଢ୍ଢା ସୂଚନା ଦେଇଛନ୍ତି । ସାଧାରଣ ଭାବେ କିଡନୀର ମୁଖ୍ୟ କାର୍ଯ୍ୟ ହେଉଛି ରକ୍ତକୁ ପରିଷ୍କାର କରିବା ଓ ମଇଳା ପଦାର୍ଥକୁ ପରିସ୍ରା ଦ୍ୱାରା ବାହାରକୁ ବାହାର କରିବା । କିଡନୀ ରକ୍ତଚାପକୁ ରେଗୁଲେଟ କରିବା ସହିତ ଲାଲ ରକ୍ତକୋଷିକାକୁ ନିର୍ମାଣ କରିଥାଏ । ଏଥିସହିତ କିଡନୀ ଆମ ଶରୀରର ପୋଟେନସିଆଲ ଅଫ୍ ହାଇଡ୍ରୋଜେନ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଯଦି ଆପଣଙ୍କ କିଡନୀ ଠିକ୍ ଭାବେ କାମ କରିବ ନାହିଁ, ତେବେ ଆପଣଙ୍କ ଶରୀରରେ ଅପରିଷ୍କାର ପଦାର୍ଥ ଜମି ରହିବ । ଏପରି ସ୍ଥିତିରେ ଶରୀରରେ ଅନେକ ପ୍ରକାରର ରୋଗ ସୃଷ୍ଟି ହେବ ଓ ଠିକ୍ ସମୟରେ ଚିକିତ୍ସା ନକଲେ ଆପଣଙ୍କର ଜୀବନ ଯାଇପାରେ । ଯଦି ଜଣଙ୍କର ଗୋଟିଏ ବା ଦୁଇଟି କିଡ୍‌ନୀ କାମ କରିବା ବନ୍ଦ କରିଦେବ, ତେବେ ଏହାକୁ କିଡନୀ ଫେଲୁଅର କୁହାଯିବ । ଅନେକ ସମୟରେ ଠିକ୍ ସମୟରେ ଚିକିତ୍ସା ନ କରାଇବା ଓ କିଡନୀକୁ ନେଇ ଉପଯୁକ୍ତ ସଚେତନତାର ଅଭାବ କାରଣରୁ ଅନେକଙ୍କର ଅକାଳରେ ମୃତ୍ୟୁ ଘଟିଥାଏ । ଡାଇବେଟିସ, ଉଚ୍ଚ ରକ୍ତଚାପ ଓ ହାର୍ଟ ରୋଗୀଙ୍କୁ କିଡ୍‌ନୀ ଫେଲୁଅର ସମସ୍ୟାରେ ବେଶି ସାମ୍ନା କରିବାକୁ ପଡ଼ିଥାଏ । ଶରୀରରେ ବ୍ଲଡ ସୁଗର ସ୍ତର ବଢ଼ିବା ଫଳରେ ଡାଇବେଟିସ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ, ଫଳରେ ଶରୀରର ଅନ୍ୟ ଅଙ୍ଗ ମଧ୍ୟ ଅକାମୀ ହୋଇପଡ଼େ । ଉଚ୍ଚ ରକ୍ତଚାପରେ ଶରୀରରେ ରକ୍ତ କୋଷିକାଗୁଡ଼ିକରେ ଜୋରରେ ରକ୍ତ ପ୍ରବାହିତ ହୋଇଥାଏ । ରକ୍ତ ଜୋରରେ ପ୍ରବାହିତ ହେଲେ କିଡନୀର ଟିସୁ ଡ୍ୟାମେଜ ହୋଇଥାଏ । ଫଳରେ ଆମକୁ କିଡନୀ ଫେଲୁଅର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ । ପାରିବାରିକ ଇତିହାସ ଓ ୬୦ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ କିଡ୍‌ନୀ ଅକାମୀ ହେବାର ଆଶଙ୍କା ଅଧିକ ରହିଥାଏ । ଯେଉଁମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରନ୍ତି ସେମାନଙ୍କଠାରେ କିଡନୀ ଅକାମୀ ହେବାର ବେଶି ଆଶଙ୍କା ରହିଥାଏ । ଯେଉଁମାନେ ହାଇପର ଟେନସନ, ଷ୍ଟ୍ରୋକ ଆଦି ସମସ୍ୟାରେ ଜର୍ଜ଼ିତ ଅଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ବିପଦ ଅଧିକ ରହିଥାଏ । ଏହାବ୍ୟତୀତ ଅତ୍ୟଧିକ ମାତ୍ରାରେ ମଦ୍ୟପାନ, ସ୍ମୋକିଂ ମଧ୍ୟ କିଡନୀ ଡ୍ୟାମେଜର ଅନ୍ୟତମ ପ୍ରମୁଖ କାରଣ । କିଡ୍‌ନୀ ଡ୍ୟାମେଜ ହେବା ପରେ ଧୀରେଧୀରେ ବାନ୍ତି ଆସିବା, ଥକ୍କାପଣ, ଭୋକ ନ ଲାଗିବା, ଦୁର୍ବଳତା, ନିଦ୍ରାହୀନତା, କମ୍ ପରିସ୍ରା, ପାଦ ଓ ଗୋଡ଼ ଫୁଲା, ଚର୍ମ ଶୁଷ୍କ ଓ କୁଣ୍ଡେଇ ହେବା ଆଦି ଲକ୍ଷଣ ସବୁ ଦେଖାଦେଇଥାଏ । ବ୍ରେନ, ହାର୍ଟ ବା ଲିଭର ଅକାମୀ ହେବା ତୁଳନାରେ କିଡନୀ ଡ୍ୟାମେଜ ରୋଗୀର ଜୀବନ ସହଜରେ ବଞ୍ଚାଯାଇ ପାରିବ । ଏଥିପାଇଁ ଡାୟଲିସିସ ବା ଟ୍ରାନ୍ସପ୍ଲାଣ୍ଟର ସାହାରା ନିଆଯାଇଥାଏ । ଯୁବ ବୟସର ରୋଗୀଙ୍କର ଟ୍ରାନ୍ସପ୍ଲାଣ୍ଟ ଓ ବୟସ୍କଙ୍କ କ୍ଷେତ୍ରରେ ଡାୟଲିସିସ କରାଯାଇ ଜୀବନ ବଞ୍ଚାଯାଇପାରେ ।

ବାସ୍ତୁପୂଜା ସ୍ଥାନରେ ଗୃହ ନିର୍ମାଣ



ଭବନ ନିର୍ମାଣ ପୂର୍ବରୁ ଭୂମିର ଯେଉଁ ସ୍ଥାନରେ ବାସ୍ତୁ ପୂଜା ହୋଇଥାଏ, ସେହି ସ୍ଥାନକୁ ଭବନ ନିର୍ମାଣ ସମୟରେ ବାଦ୍ ଦେବା ଦ୍ୱାରା ଗୃହରେ ଗୁରୁତର ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ । କୌଣସି ପରିସ୍ଥିତିରେ ମଧ୍ୟ ଏପରି ଦୋଷ ଦୂର କରିବାକୁ ଚେଷ୍ଟା କରନ୍ତୁ । ନଚେତ୍ ଗୃହସ୍ଥଙ୍କ ଜୀବନରେ ନାନା ସମସ୍ୟା । ଦେଖାଦେଇଥାଏ । ଭବନର ବ୍ରହ୍ମସ୍ଥାନ ଦୂଷିତ ହେଲେ ଏହାର କୁପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଏଣୁ ଗୃହର ଡ୍ରେନେଜ୍ ବ୍ୟବସ୍ଥା ବାସ୍ତୁ ଅନୁଯାୟୀ ହେବା ଉଚିତ୍ । ଏଣୁ ବ୍ରହ୍ମସ୍ଥାନ ବା ଦକ୍ଷିଣ-ପଶ୍ଚିମକୋଣକୁ ଛାଡ଼ି ଗାଧୁଆଘରର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ୍ । ଉତ୍ତର ଦିଗରେ ଏହି ବ୍ୟବସ୍ଥା ହେଲେ ଉତ୍ତମ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇପାରିବ ।

ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ



ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୂତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ୍ୟ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

ଘରେ କିପରି ରଖିବେ ଲଡୁଗୋପାଳଙ୍କୁ



ଭଗବାନ ଲଡୁଗୋପାଳଙ୍କ ମହିମା ସମସ୍ତଙ୍କୁ ଜଣା। ତେବେ ଯଦି ଘରେ ଲଡୁ ଗୋପାଳଙ୍କୁ ରଖିଛନ୍ତି ବିଧି ଅନୁଯାୟୀ ତାଙ୍କର ପୂଜାର୍ଚ୍ଚନା କରନ୍ତୁ। ଲଡୁ ଗୋପାଳ ଯେଉଁଘରେ ରହିଥାନ୍ତି, ସେହି ଘରକୁ ନିଜ ଘର ବୋଲି ମନେ କରିଥାନ୍ତି। ଘରର ସଦସ୍ୟମାନଙ୍କୁ ନିଜର ବୋଲି ଭାବିଥାନ୍ତି। ଭଗବାନ ଲଡୁ ଗୋପାଳ ନିଜକୁ ପରିବାରର ଜଣେ ସଦସ୍ୟ ଭାବେ ନିଜକୁ ମନେ କରନ୍ତି। ସର୍ବଦା ଶୁଦ୍ଧ କ୍ଷୀରରେ ତାଙ୍କୁ ସ୍ନାନ କରାଇ ସ୍ୱଚ୍ଛ ବସ୍ତ୍ର ପରିଧାନ କରାନ୍ତୁ। ଲଡୁଗୋପାଳଙ୍କୁ ସର୍ବଦା ଝୁଲଣାରେ ଅବସ୍ଥାପିତ କରନ୍ତୁ। ଘରକୁ ଯେକୌଣସି ମିଷ୍ଟାନ୍ନ ଆଣିଲେ ପ୍ରଥମେ ଲଡୁ ଗୋପାଳଙ୍କୁ ଅର୍ପଣ କରନ୍ତୁ। ଘରେ ଥିବା ଲଡୁ ଗୋପାଳଙ୍କର ଏକ ଭିନ୍ନ ନାମ ଦିଅନ୍ତୁ। ତାଙ୍କ ସହିତ ସର୍ବଦା ପ୍ରେମଭକ୍ତି ସହକାରେ କଥାବାର୍ତ୍ତା କରନ୍ତୁ। ପ୍ରେମର ସହ ତାଙ୍କୁ ଭୋଜନ କରାନ୍ତୁ। ପ୍ରତିଦିନ ରାତିରେ ଲଡୁ ଗୋପାଳଙ୍କୁ ଶୟନ କରାନ୍ତୁ। ପ୍ରତିଦିନ ପ୍ରାତଃ ସମୟରେ ପ୍ରେମର ସହ ତାଙ୍କୁ ଜାଗ୍ରତ କରାନ୍ତୁ। ଲଡୁ ଗୋପାଳ କୌଣସି ଘରେ ପ୍ରବେଶ କରାଇବା ବେଳେ ତାଙ୍କ ମଧ୍ୟରେ ପ୍ରାଣ ପ୍ରତିଷ୍ଠା ହୋଇ ଯାଇଥାଏ। ତେଣୁ ତାଙ୍କୁ ଏକ ପ୍ରତୀମା ସ୍ୱରୂପ ନ ମାନି ପରିବାର ସଦସ୍ୟ ଭାବି ଯଥାବିଧି ପୂଜାର୍ଚ୍ଚନା କରନ୍ତୁ ଏବଂ ଲଡୁ ଗୋପାଳଙ୍କ ଆଶୀର୍ବାଦ ଲାଭ କରନ୍ତୁ।



ଟମାଟୋ

କିଛି ଲୋକଙ୍କୁ ପେଟ ଗରମ କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଏହା ସେମାନଙ୍କ ଚର୍ମ ଏବଂ କେଶ ଉପରେ ପ୍ରଭାବ ପକାଏ । ତେଣୁ



ବିଶେଷଜ୍ଞମାନଙ୍କ ମତରେ ଖାଲିପେଟରେ ସକାଳୁ ଟମାଟୋ ସେବନ କରିବା ଉଚିତ ଏପରି କରିବା ଦ୍ୱାରା ପେଟ ଗରମ ସମସ୍ୟା ଦୂର ହୋଇଥାଏ । ପେଟରେ ଥିବା ଜୀବାଣୁ ନଷ୍ଟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଉପକାର ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ । ତେବେ ସକାଳୁ ଟମାଟୋକୁ ଗୋଲମରିଚ ଗୁଣ୍ଡ ସହ ମିଶାଇ ସେବନ କରନ୍ତୁ ଫଳରେ ପେଟରେ ଥିବା ଜୀବାଣୁ ମରି ମଳ ଦ୍ୱାରା ବାହାରି ଆସିବେ । ଏଥିସହିତ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ । ଦୂର ହୁଏ ହୃଦ ରୋଗ ସମସ୍ୟା ଟମାଟୋରେ ଭିଟାମିନସ୍, ସୋସଡିୟମ, ପୋଟାସିୟମ, କ୍ୟାଲସିୟମ, ଭିଟାମିନ ଏ, ଭିଟାମିନ ସି, ଭିଟାମିନ ଇ ଏବଂ ରାଇବୋଫ୍ଲୋଭିନ ଆଦି ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ହୃଦଘାତ ପରି ସମସ୍ୟାକୁ ମଧ୍ୟ ଦୂର କରିଥାଏ । ତେଣୁ ପ୍ରତ୍ୟେକ ଦିନ ଖାଲିପେଟରେ ଟମାଟୋ କିୟା ଟମାଟୋ ଜୁସ୍ ସେବନ କରିବା ଦ୍ୱାରା ଏହା ହାଇ କୋଲେଷ୍ଟ୍ରଲ ଏବଂ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହୃଦ୍‌ଘାତ ସମସ୍ୟା ଦୂର ହୋଇଥାଏ । ବଢ଼ିବ ଦୃଷ୍ଟିଶକ୍ତି ଯେଉଁ ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତି କମ୍ ଥାଏ ସେମାନଙ୍କ ପାଇଁ ଟମାଟୋ ସେବନ ଅନେକ ଲାଭ ଦେଇଥାଏ । କାରଣ ଏହି ପରିବାରେ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥାଏ । ଫଳରେ ଏହାକୁ ପ୍ରତ୍ୟେକ ଦିନ ଖାଲି ପେଟରେ ସେବନ କଲେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ମଧ୍ୟ କୋମଳ ଏବଂ ଚିକ୍କଣ କରିଥାଏ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା

ନୂତନ ୨୪ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ

ରାଜ୍ୟରେ କାର୍ଯ୍ୟକ୍ଷମ ଇଏମଆରଏସ୍ ସଂଖ୍ୟା ୭୧କୁ ବୃଦ୍ଧି

ଭୁବନେଶ୍ୱର, ୨୦।୧୧(ମହାଭାରତ): ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଦିଗରେ ଆଉ ଏକ ଐତିହାସିକ ପଦକ୍ଷେପ । ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ୭ଟି ଜିଲ୍ଲାରେ ନୂତନ ଭାବେ ୨୪ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ୍) କାର୍ଯ୍ୟକ୍ଷମ କରାଯାଇଛି । ଏହା ଫଳରେ ରାଜ୍ୟରେ କାର୍ଯ୍ୟକ୍ଷମ ଏକଲବ୍ୟ ବିଦ୍ୟାଳୟ ସଂଖ୍ୟା ୭୧ରେ ପହଂଚିଛି ।



ସମଗ୍ର ଦେଶରେ ଓଡ଼ିଶାକୁ ସର୍ବାଧିକ ୧୧୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମଞ୍ଜୁର ହୋଇଛି । ଏଥିମଧ୍ୟରୁ ପୂର୍ବରୁ ୪୭ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ଥିବାବେଳେ ନୂତନ ୨୪ଟି ବିଦ୍ୟାଳୟର କାର୍ଯ୍ୟକ୍ଷମ ହେବା ଦ୍ୱାରା ଏହି ସଂଖ୍ୟା ୭୧କୁ ବୃଦ୍ଧି ପାଇଛି । ଜନଜାତି ବହୁଳ ତଥା ଦୁର୍ଗମ ଅଂଚଳରେ ଶିକ୍ଷାର ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ।

ଜାତୀୟସ୍ତରରେ ବର୍ତମାନ ୨୫ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳରେ ମୋଟ ୫୩୩ଟି ଏକଲବ୍ୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି । ଓଡ଼ିଶାରେ ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ୨୪ଟି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧,୪୪୦ ଜଣ ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ । ଏହାଦ୍ୱାରା ସେମାନେ ଗୁଣାତ୍ମକ ଆବାସିକ ଶିକ୍ଷା, ଆଧୁନିକ ଶିକ୍ଷଣ ସୁବିଧା ଓ ସାମଗ୍ରିକ ବିକାଶର ସୁଯୋଗ ପାଇପାରିବେ।

ନୂତନ ଭାବେ କାର୍ଯ୍ୟକ୍ଷମ ୨୪ଟି ବିଦ୍ୟାଳୟ ୭ଟି ଜିଲ୍ଲାରେ ଅବସ୍ଥିତ । ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୮ଟି ବିଦ୍ୟାଳୟ ରାରୁଆଁ, ଯଶୀପୁର, ସୁକୃଳି, ଗୋପବନ୍ଧୁନଗର, ସାରସକଣା, ବିଶୋଇ, ବାଦାମପାହାଡ଼ ଓ ବିଜାତଳାଠାରେ କାର୍ଯ୍ୟକ୍ଷମ ହୋଇଛି । ସେହିପରି କେନ୍ଦୁଝର ଜିଲ୍ଲାର ସାହାରପଡ଼ା, ହରିଚନ୍ଦନପୁର, ବାଂଶପାଳ, ଘଟଗାଁ ଓ ତେଲକୋଇଠାରେ ୫ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି।

ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା, ଉମରକୋଟ, ଡାବୁଗାଁ ଓ ରାଇଘରଠାରେ ୪ଟି ଏବଂ ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରପାଲି, ସୁବଦେଗା ଓ ବିଶ୍ରାଠାରେ ୩ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି । ଏଥିସହିତ ରାୟଗଡ଼ା ଜିଲ୍ଲାର ରାମନାଗୁଡ଼ା ଓ ପଦ୍ମପୁରଠାରେ ୨ଟି ବିଦ୍ୟାଳୟ ଏବଂ କୋରାପୁଟ ଜିଲ୍ଲାର ପାଡୁଆ ଓ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧଠାରେ ଗୋଟିଏ ଲେଖାଏଁ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି ।ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁର୍ଗମ ଓ ଅନୁନ୍ନତ ଅଂଚଳର ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା । ଏହି ବିଦ୍ୟାଳୟଗୁଡ଼ିକରେ କେବଳ ଶୈକ୍ଷିକ ଉତ୍କର୍ଷତା ନୁହେଁ, ବରଂ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ଦକ୍ଷତା ବିକାଶ ଓ ଅନ୍ୟାନ୍ୟ ପାଠ୍ୟକ୍ରମ ସହାୟକ କାର୍ଯ୍ୟକଳାପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ।

୩ଟି ଜିଲ୍ଲାରେ ଖୋଲିବ ମଣ୍ଡି

ଭୁବନେଶ୍ୱର୨୦।୧୧(ମହାଭାରତ): ୩ଟି ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ନେଇ ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ଆଇଡିଏଲପିସି ବୈଠକରେ ମଣ୍ଡି ଖୋଲିବା ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଛି । କଳାହାଣ୍ଡିରେ ଡିସେମ୍ବର ୫, ସୁବର୍ଣ୍ଣପୁରରେ ୧୧, ବଲାଙ୍ଗୀରରେ ୧୪ରେ ଖୋଲିବ ।

ରାଜଧାନୀରେ ଆମ୍ବୁଲାନ୍ସକୁ ଧକ୍କା ଦେଲା ସିମେଣ୍ଟ ଢ଼ଳେଇ ମିକ୍ସର ଗାଡି

ଭୁବନେଶ୍ୱର, ୨୦।୧୧(ମହାଭାରତ): ଭୁବନେଶ୍ୱର ନାଲୋକ ଛକରେ ଦୁର୍ଘଟଣା ।ଆମ୍ବୁଲାନ୍ସକୁ ବାଡେଇଲା ୧୦ ଚକିଆ ସିମେଣ୍ଟ ଢ଼ଳେଇ ମିକ୍ସର ଗାଡି। ଘରୋଇ ଆମ୍ବୁଲାନ୍ସକୁ ୫୦ ମିଟର ଘୋଷଡି ନେଲା ଗାଡି। ଗତ କାଲି ବିଳମ୍ବିତ ରାତିର ଘଟଛି ଘଟଣା। ଡ୍ରାଇଭର ଆହତ ହୋଇଥିବା ବେଳେ, ମଇତ୍ରୀ ବିହାର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ଘଟାଇ ଥିବା ଗାଡିର ଡ୍ରାଇଭର ଅଟକ ଥିବା ସୂଚନା ମିଳିଛି । ଆମ୍ବୁଲାନ୍ସ ଗାଡିରେ କେହି ରୋଗୀ ନଥିବା ପୋଲିସ ସୂଚନା ଦେଇଛି।

ଆଇଆଇଟିଏଫ୍ ରେ ଓଡ଼ିଶାର କୃଷିଜାତ ଦ୍ରବ୍ୟର ଚାହିଦା

ନୂଆଦିଲ୍ଲୀ /ଭୁବନେଶ୍ୱର, ୨୦।୧୧(ମହାଭାରତ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍ (ହଲ୍-୩) ଠାରେ ଆୟୋଜିତ ୪୫ତମ ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ୍)-୨୦୨୬ରେ ଓଡ଼ିଶା ପାଭିଲିୟନରେ ରାଜ୍ୟର ବିଭିନ୍ନ କୃଷିଜାତ ଦ୍ରବ୍ୟ ପାଇଁ ବ୍ୟାପକ ଚାହିଦା ଦେଖିବାକୁ ମିଳୁଛି । ପାରମ୍ପରିକ ଚାଉଳ, ସୁଗନ୍ଧିତ ଚାଉଳ, ମସଲା, ଡାଲି, ମାଣ୍ଡିଆ, ଅନ୍ୟାନ୍ୟ ଶସ୍ୟ, ସୋରିଷ ତେଲ ଏବଂ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଦର୍ଶକଙ୍କ ମଧ୍ୟରେ ବିଶେଷ ଆଗ୍ରହ ସୃଷ୍ଟି କରିଛି । ଏହି ଉତ୍ସାହଜନକ ପ୍ରତିକ୍ରିୟା ଓଡ଼ିଶାର ସମୃଦ୍ଧ କୃଷି ବିବିଧତା, ସ୍ଥାନୀୟ ଖାଦ୍ୟ ପରମ୍ପରା ଏବଂ କୃଷିଜାତ ଉତ୍ପାଦର ଗୁଣବତା ପ୍ରତି ବଢୁଥିବା ଆଦରକୁ ଦର୍ଶାଉଛି ।

ବିଶେଷ ଆକର୍ଷଣ ସୃଷ୍ଟି କରିଥିବା ଉତ୍ପାଦଗୁଡ଼ିକ ମଧ୍ୟରେ ରହିଛି ବିଭିନ୍ନ ପ୍ରକାରର ଚାଉଳ, ଯେପରିକି କଳା ଚାଉଳ , ନାଲି ଉଷୁନା ଚାଉଳ ଏବଂ ସୁଗନ୍ଧିତ ଚାଉଳ। ଏହା ସହିତ ଲାଲବାଲସା, ସୁନାଖାଡ଼ିକା ଏବଂ ହଳଦୀଚୁଡ଼ି ଭଳି ପାରମ୍ପରିକ କିସମର ଚାଉଳ ମଧ୍ୟ ସାମିଲ ଅଛି । ଓଡ଼ିଶାର ବିଭିନ୍ନ ପ୍ରକାରର ମସଲା ଯେପରିକି ଅଦା, ହଳଦୀ, ଲଙ୍କା ଏବଂ ଗୋଲମରିଚ ମଧ୍ୟ ବେଶ୍ ଚାହିଦାରେ ରହିଛି । ପାଭିଲିୟନରେ ପ୍ରଦର୍ଶିତ ଡାଲି ଜାତୀୟ ଶସ୍ୟ ମଧ୍ୟରେ ଲାଲ୍ ଏବଂ ଧଳା ରାଜମା ରହିଛି, ଯାହା ରାଜ୍ୟର ବିବିଧ କୃଷି ଉତ୍ପାଦନର ଏକ ଝଲକ ଦର୍ଶକଙ୍କୁ ପ୍ରଦାନ କରୁଛି ।

ମାଣ୍ଡିଆ ଏବଂ ଅନ୍ୟାନ୍ୟ ଶସ୍ୟ ବର୍ଗଟି ଓଡ଼ିଶାର କୃଷି ଶକ୍ତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଉପସ୍ଥାପନ କରୁଛି । ଏଠାରେ କୋଦୋ ଚାଉଳ, ରାଗି (ମାଣ୍ଡିଆ), ସୁଆଁ ଚାଉଳ , କାଙ୍ଗୁ ଚାଉଳ , ଜୁଆର, ମକା ଏବଂ ପାଳୁଅ ପାଉଡର ପ୍ରଦର୍ଶିତ ହେଉଛି । ଏହା ସହିତ ଦର୍ଶକମାନଙ୍କ ପାଇଁ ରାଗି, ଜୁଆର, ସୁଆଁ (ଲିଟଲ୍ ମିଲେଟ୍) ଏବଂ ବାଜରା ପରି ବିଭିନ୍ନ ପ୍ରକାରର ମିଲେଟ୍ (କ୍ଷୁଦ୍ର ଶସ୍ୟ) ଆଧାରିତ କୁକିଜ୍ ସହିତ ନଡ଼ିଆ କୁକିଜ୍ ମଧ୍ୟ ଉପଲବ୍ଧ ହେଉଛି ।

ଓଡ଼ିଶା ପାଭିଲିୟନରେ ୧୬ ନଭେମ୍ବର ସନ୍ଧ୍ୟା ସୁଦ୍ଧା ସମସ୍ତ ଅଂଶଗ୍ରହଣକାରୀ ଷ୍ଟଲରେ କ୍ରମାଗତ ବିକ୍ରୟ ୧୦ ଲକ୍ଷ ଟଙ୍କା ଅତିକ୍ରମ କରିଛି । ପରିଦର୍ଶକଙ୍କ ମଧ୍ୟରେ ବିଭିନ୍ନ ଅଂଶଗ୍ରହଣକାରୀ ବିଭାଗ, ଏଜେନ୍ସି, ସମବାୟ, ଉତ୍ପାଦକ ଗୋଷ୍ଠୀ, କାରିଗର ଏବଂ ଉଦ୍ୟୋଗୀଙ୍କ ଉତ୍ପାଦ ସହ ହସ୍ତତନ୍ତ, ହସ୍ତଶିଳ୍ପ, ଦୁଗ୍ଧଜାତ ଦ୍ରବ୍ୟ, ଆଦିବାସୀ ଉତ୍ପାଦ ଏବଂ ଅନ୍ୟାନ୍ୟ ପାରମ୍ପରିକ ଏବଂ ମୂଲ୍ୟଯୁକ୍ତ ସାମଗ୍ରୀ ଓ କୃଷି ଉତ୍ପାଦର ଚାହିଦା ପରିଲକ୍ଷିତ ହେଉଛି ।

ପାଭିଲିୟନରେ ପ୍ରଦର୍ଶିତ ହସ୍ତତନ୍ତ, ହସ୍ତଶିଳ୍ପ, ଏଓ-ଟ୍ୟାଗ୍ ହୋଇଥିବା ଉତ୍ପାଦ, ଜନଜାତି କଳା, କୃଷି ଉତ୍ପାଦ, ଜଙ୍ଗଲ-ଆଧାରିତ ଉତ୍ପାଦ, ଦୁଗ୍ଧଜାତ ଦ୍ରବ୍ୟ, ଗ୍ରାମୀଣ ଉଦ୍ୟୋଗ ଏବଂ ପର୍ଯ୍ୟଟନ ସେବା ସାମୁହିକ ଭାବେ ଓଡ଼ିଶାର ସାଂସ୍କୃତିକ ଏବଂ ଆର୍ଥିକ ଶକ୍ତିର ଏକ ବ୍ୟାପକ ଚିତ୍ର ଉପସ୍ଥାପନ କରୁଛି ।

ପାଭିଲିୟନ୍ ରେ ସମ୍ବଲପୁରୀ ବସ୍ତ୍ର, ପଟ୍ଟଚିତ୍ର, ରୌପ୍ୟ ତାରକସି କାମ, ଢୋକ୍ରା ଶିଳ୍ପ, ତାଳପତ୍ର ଖୋଦେଇ କଳା ଏବଂ ଅନ୍ୟାନ୍ୟ ପାରମ୍ପରିକ କଳାକୃତି ଭଳି ରାଜ୍ୟର ସୁନାମଧନ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରା ପ୍ରଦର୍ଶିତ ହେଉଛି । 'ମିଶନ ଶକ୍ତି' ସ୍ୱୟଂ ସହାୟକ ଗୋଷ୍ଠୀ, ଓରମାସ୍, ଓମଫେଡ୍ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକ ବିଭିନ୍ନ ପ୍ରକାରର ସାମଗ୍ରୀ ଓ ପଦକ୍ଷେପ ପ୍ରଦର୍ଶନ କରୁଛନ୍ତି ।

ବାଲାସାହେବ ଠାକରେ ଜୀଙ୍କ ପୁଣ୍ୟତିଥିରେ ନମନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୦।୧୧(ମହାଭାରତ): ବାଲାସାହେବ ଠାକରେ ଜୀଙ୍କ ପୁଣ୍ୟତିଥିରେ ତାଙ୍କୁ ନମନ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ ଏକ ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ପ୍ରଖର ରାଷ୍ଟ୍ରବାଦୀ ନେତା ଆଦରଣୀୟ ବାଲାସାହେବ ଠାକରେ ଜୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି। ହିନ୍ଦୁତ୍ୱ ପ୍ରତି ତାଙ୍କର ଅତୁଟ ନିଷ୍ଠା, ପ୍ରଖର ବିଚାରଧାରା ଏବଂ ରାଷ୍ଟ୍ରହିତ ପାଇଁ ତାଙ୍କର ଦୃଢ଼ ସଂକଳ୍ପ ସର୍ବଦା ସ୍ମରଣୀୟ ହୋଇ ରହିବ।

ମିଛ ନ୍ୟାରେଟିଭ୍ ସୃଷ୍ଟି କରି ସରକାରକୁ ବଦନାମ କରୁଛି ବିଜେଡି: ସନ୍ତୋଷ ଖଟୁଆ

ଭୁବନେଶ୍ୱର, ୨୦।୧୧(ମହାଭାରତ):ରାଜ୍ୟରେ ବିକାଶମୂଳକ କାର୍ଯ୍ୟକ୍ରମକୁ ନେଇ ବିଜେଡି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରୁଛି। ପକ୍କାଘର, ରାସନ ଓ ସାମାଜିକ ସୁରକ୍ଷା ଭତା ପ୍ରସଙ୍ଗରେ ତଥ୍ୟକୁ ଭିନ୍ନ ଢଙ୍ଗରେ ଉପସ୍ଥାପନ କରି ବିଜେପି ସରକାରକୁ ବଦନାମ କରିବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ କରିଛନ୍ତି ବିଧାୟକ ସନ୍ତୋଷ ଖଟୁଆ।

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖଟୁଆ କହିଛନ୍ତି ଯେ, ପୂର୍ବ ବିଜେଡି ସରକାର ସମୟରେ ରାସନ ବଂଟନରେ ଅନିୟମିତତା ହୋଇଥିଲା। ତାଙ୍କ ଦାବି ଅନୁଯାୟୀ, ୭ ଲକ୍ଷ ୭୫ ହଜାରରୁ ଅଧିକ ଭୂତ ହିତାଧିକାରୀ ଏବଂ ୨ ଲକ୍ଷରୁ ଅଧିକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ୍ ପଡ଼ିଛି। ବିଜେଡି ସରକାରର ଶେଷ ପାଂଚ ବର୍ଷରେ ରାସନ ବାବଦରେ ୧୧୭୮ କୋଟି ଟଙ୍କାର ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି। ବର୍ତମାନ ରାଜ୍ୟରେ ୩ କୋଟି ୨୮ ଲକ୍ଷରୁ ଅଧିକ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ଥିବାବେଳେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ୧୦ କେଜି ଚାଉଳ ଯୋଗାଇ ଦିଆଯାଉଛି। ଏଥିପାଇଁ ବାର୍ଷିକ ୮୮୧୩ କୋଟି ଟଙ୍କା ବ୍ୟୟ ହେଉଛି ବୋଲି ସେ କହିଛନ୍ତି।

ସେହିପରି ଆବାସ ଯୋଜନାକୁ ନେଇ ବିଜେଡି ସରକାର କେନ୍ଦ୍ରୀୟ ଯୋଜନାର ଶ୍ରେୟ ନେଉଥିବା ଅଭିଯୋଗ କରି ଶ୍ରୀ ଖଟୁଆ କହିଛନ୍ତି ଯେ, ପୂର୍ବ ସରକାର ଅମଳରେ ୬ ଲକ୍ଷ ୫୮ ହଜାର ପକ୍କାଘର ଫେରାଇ ଦିଆଯାଇଥିଲା। ଅନ୍ୟପକ୍ଷରେ, ବର୍ତମାନର ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫ ଲକ୍ଷ ୧୫ ହଜାର ଘରକୁ ମଞ୍ଜୁରୀ ଦେଇଥିବାବେଳେ ୧ ଲକ୍ଷ ୪୭ ହଜାର ଘର ନିର୍ମାଣ ଶେଷ ହୋଇଛି। ମୋ ଘର ଯୋଜନାରେ ପୂର୍ବରୁ ଘର ପାଇଥିବା ୮୪୫ ହିତାଧିକାରୀଙ୍କୁ ବର୍ତମାନର ସରକାର ୭ କୋଟି ୪୮ ଲକ୍ଷ ଟଙ୍କାର ସବ୍‌ସିଡି ପ୍ରଦାନ କରିଥିବା ସେ ଦାବି କରିଛନ୍ତି।

ଭତା ପ୍ରସଙ୍ଗରେ ଶ୍ରୀ ଖଟୁଆ କହିଛନ୍ତି ଯେ, ପୂର୍ବ ବିଜେଡି ସରକାରର ପାଂଚ ବର୍ଷରେ ଭତା ବାବଦରେ ୧୬ ହଜାର ୪୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ବର୍ତମାନର ବିଜେପି ସରକାର ୪୨ ହଜାର ୪୪୦ କୋଟି ଟଙ୍କା ବ୍ୟୟ କରୁଛନ୍ତି। ୮୦ ବର୍ଷରୁ ଅଧିକ ବୟସ୍କଙ୍କୁ ମାସିକ ୩୫୦୦ ଟଙ୍କା ଏବଂ ୮୦ ବର୍ଷରୁ କମ୍ ବୟସ୍କଙ୍କୁ ୧୦୦୦ ଟଙ୍କା ଭତା ଦିଆଯାଉଥିବା ସେ ସୂଚନା ଦେଇଛନ୍ତି।

ବିରୋଧୀ ଦଳ କେବଳ ବାହାରେ ଅଭିଯୋଗ ନକରି ଏସବୁ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ଓ ବିତର୍କକୁ ଆସିବାକୁ ଶ୍ରୀ ଖଟୁଆ ଆହ୍ୱାନ ଦେଇଛନ୍ତି। ମିଥ୍ୟା ପ୍ରଚାରରୁ ଦୂରେଇ ରହି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କାମ କରିବାକୁ ସେ ବିରୋଧୀଙ୍କୁ ପରାମର୍ଶ ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଏବଂ ପ୍ରବକ୍ତା ସଞ୍ଜୟ ରଥ ଉପସ୍ଥିତ ଥିଲେ।

ସରକାରୀ କର୍ମଚାରୀଙ୍କ ଡିଏ ବୃଦ୍ଧି ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଦେଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୨୦।୧୧(ମହାଭାରତ): ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଲୋକଙ୍କ ସରକାର ମହଙ୍ଗା ଭତା (ଡିଏ)ରେ ୩% ବୃଦ୍ଧି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୬୦% ରୁ ୬୩% କୁ ବୃଦ୍ଧି ପାଇଛି। ଏହି ବୃଦ୍ଧି ଜୁଲାଇ ପହିଲା ୨୦୨୬ରୁ ପିଛିଲା ଭାବେ ଲାଗୁ ହେବ ଏବଂ ଏହା ଚଳିତ ନଭେମ୍ବର ମାସ ଦରମାରେ ନଗଦ ଆକାରରେ ମିଳିବ।

ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ୩% ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ନଭେମ୍ବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

ଏହି ଜନହିତକର ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରୀ କର୍ମଚାରୀଙ୍କ କଲ୍ୟାଣ ଓ ସେମାନଙ୍କ ଆର୍ଥିକ ସୁରକ୍ଷା ପ୍ରତି ସରକାରଙ୍କ ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି ଏକ୍ସରେ ପୋଷ୍ଟ କରି ସେ କହିଛନ୍ତି।

ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓଏଫଡିସି ଅଧ୍ୟକ୍ଷ ଦାୟିତ୍ୱ

ଭୁବନେଶ୍ୱର, ୨୦।୧୧(ମହାଭାରତ): ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି)ର ଅଧ୍ୟକ୍ଷ ଦାୟିତ୍ୱ ଅତିରିକ୍ତ ଭାବେ ପ୍ରଦାନ କରାଯାଇଛି ।

ରାଜ୍ୟ ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ୧୯୯୯ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଶ୍ରୀ ଶର୍ମା ବର୍ତମାନ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ଏଥିସହ ସେ ଓପିଟିସିଏଲ୍ ର ସିଏମ୍‌ଡି ଦାୟିତ୍ୱରେ ମଧ୍ୟ ଅଛନ୍ତି। ଏବେ ତାଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡ୍ ର ଅଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱରେ ରହିବାକୁ ଅନୁମତି ଦିଆଯାଇଛି ।

ଗ୍ରାମାଂଚଳରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ପାଇଁ ବ୍ୟାପକ ବ୍ୟବସ୍ଥା

ଭୁବନେଶ୍ୱର, ୨୦।୧୧(ମହାଭାରତ): ସମ୍ଭାବ୍ୟ ବାତ୍ୟା 'ଅକଭାନ'ର ମୁକାବିଲା ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ଅଧିକ ଜୋରଦାର କରାଯାଇଛି । ଅତ୍ୟାବଶ୍ୟକ ସାମଗ୍ରୀର ଆଗୁଆ ମହଜୁଦ, ଜରୁରୀକାଳୀନ ପାନୀୟ ଜଳ ଯୋଗାଣ ଏବଂ ତ୍ୱରିତ ପ୍ରତିକ୍ରିୟା ପାଇଁ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ରଖାଯାଇଛି । ବିଶେଷକରି ବିପଦପ୍ରବଣ ଓ ଦୁର୍ଗମ ଅଂଚଳରେ ନିରାପଦ ତଥା ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି ।

ପ୍ରସ୍ତୁତିର ଅଂଶସ୍ୱରୂପ ନଳକୂପ, ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପାନୀୟ ଜଳ ଉତ୍ସର ବିଶୋଧନ ପାଇଁ ଗ୍ରାମ ପଂଚାୟତ, ବ୍ଲକ୍ ଓ ସେକ୍ସନ ସ୍ତରରେ ଏବଂ ନିର୍ଦ୍ଦିଷ୍ଟ ଲୋଡିଂ ପଏଂଟରେ ୪୦୦ଟି ଡିଜି ସେଟ୍ ରଖାଯାଇଛି । ଏଥିସହ ପ୍ରଭାବିତ ଅଂଚଳରେ ସ୍ଥାନୀୟ ସ୍ତରରେ ଜଳ ବିଶୋଧନ ଓ ନିରାପଦ ପାନୀୟ ଜଳ ବଂଟନ ପାଇଁ ୧୨ଟି ମୋବାଇଲ୍ ୱାଟର ଟ୍ରିଟମେଂଟ ୟୁନିଟ୍ ମୁତୟନ କରାଯିବ ।

ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ପାଇଁ ଅଣପ୍ରଭାବିତ ଜିଲ୍ଲାରୁ ୫୦ ଜଣ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଆବଶ୍ୟକ ସ୍

ଗଣତାନ୍ତ୍ରିକ ପରିବେଶ ଜରୁରୀ

ଗଣତନ୍ତ୍ରର ସୌନ୍ଦର୍ଯ୍ୟ କେବଳ ନିର୍ବାଚନ ଜିତିବାରେ ନାହିଁ, ବରଂ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହେବା ପରେ ସେମାନଙ୍କ ଆଶା, ଆକାଂକ୍ଷା ଓ ବିଶ୍ୱାସକୁ ସମ୍ମାନ ଦେଇ ଦାୟିତ୍ୱ ନିର୍ବାହ କରିବାରେ ରହିଛି । ବିଧାନସଭା କୌଣସି ରାଜନୈତିକ ଦଳର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ, ଏହା ସାଢେ ଚାରି କୋଟି ଓଡ଼ିଆଙ୍କ ଗଣତାନ୍ତ୍ରିକ ଆଶା ଓ ଆକାଂକ୍ଷାର ପବିତ୍ର ମଞ୍ଚ । ଏଠାରେ ଶାସକ ଓ ବିରୋଧୀ ଉଭୟଙ୍କର ସମାନ ଗୁରୁତ୍ୱ ରହିଛି । କିନ୍ତୁ ନଭେମ୍ବର ୧୬ ତାରିଖରେ ଭୁବନେଶ୍ୱରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଉପସ୍ଥିତିରେ ଆୟୋଜିତ ବିଧାୟକଙ୍କ ଅଭିମୁଖୀକରଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନେଇ ଯେଉଁ ରାଜନୈତିକ ଚିତ୍ର ସାମ୍ନାକୁ ଆସିଛି, ତାହା ଓଡ଼ିଶାର ଗଣତାନ୍ତ୍ରିକ ପରିବେଶ ଉପରେ ଏକ ଗମ୍ଭୀର ଆଲୋଚନାର ଆବଶ୍ୟକତା ସୃଷ୍ଟି କରିଛି । ଯେଉଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବିଧାୟକମାନଙ୍କୁ ବିଧାନସଭାର ନିୟମ, ପରମ୍ପରା, ସାମ୍ବିଧାନିକ ଦାୟିତ୍ୱ, ବିଭାଗୀୟ ତଦାରଖ, ଅର୍ଥନୈତିକ ବ୍ୟବସ୍ଥା ଓ ବିଧାନସଭା ସମିତିଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅଧିକ ଅବଗତ କରାଇବା, ସେହି କାର୍ଯ୍ୟକ୍ରମରୁ ବିରୋଧୀ ଦଳର ପ୍ରମୁଖ ନେତାମାନଙ୍କ ଦୂରେଇ ରହିବା ଏକ ସ୍ୱାଭାବିକ ରାଜନୈତିକ ପ୍ରଶ୍ନ ନୁହେଁ, ଏହା ଜନପ୍ରତିନିଧିଙ୍କ ପ୍ରାଥମିକତାକୁ ନେଇ ଏକ ବଡ଼ ପ୍ରଶ୍ନ । ଉପରାଷ୍ଟ୍ରପତି ହେଉଛନ୍ତି ଦେଶର ଏକ ଉଚ୍ଚ ସାମ୍ବିଧାନିକ ପଦବିରେ ଅଧିଷ୍ଠିତ ବ୍ୟକ୍ତି । ତାଙ୍କ ଉପସ୍ଥିତିରେ ଆୟୋଜିତ ଏପରି ଜ୍ଞାନଭିତ୍ତିକ କାର୍ଯ୍ୟକ୍ରମକୁ ରାଜନୈତିକ ଦଳୀୟ ଚଷମାରେ ଦେଖିବା କେତେଦୂର ଯୁକ୍ତିଯୁକ୍ତ, ତାହା ବିରୋଧୀ ନେତୃତ୍ୱ ନିଜକୁ ପଚାରିବା ଉଚିତ । କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିବାର ଆହ୍ୱାନ ଦିଆଯାଇଥିବା ବେଳେ ବିଜୁ ଜନତା ଦଳର ବିଧାୟକମାନଙ୍କ ଅନୁପସ୍ଥିତି ମଧ୍ୟ ରାଜନୈତିକ ଚର୍ଚ୍ଚାକୁ ଅଧିକ ତୀବ୍ର କରିଛି । ବିରୋଧୀ ଦଳର ନିଜସ୍ୱ ମତ ରଖିବା, ସରକାରଙ୍କ ନୀତିକୁ ସମାଲୋଚନା କରିବା ଓ ଜନସ୍ୱାର୍ଥ ପାଇଁ ଆନ୍ଦୋଳନ କରିବାର ପୂର୍ଣ୍ଣ ଅଧିକାର ରହିଛି । କିନ୍ତୁ ପ୍ରଶ୍ନ ହେଉଛି, ଜ୍ଞାନ ଆହରଣ କରିବା ମଧ୍ୟ କ'ଣ ରାଜନୈତିକ ଦଳର ନିଷ୍ପତ୍ତି ଉପରେ ନିର୍ଭର କରିବ ? ସରକାରଙ୍କୁ ବିରୋଧ କରିବା ଏବଂ ଜ୍ଞାନକୁ ବିରୋଧ କରିବା ମଧ୍ୟରେ ଆକାଶପାତାଳ ଫରକ ରହିଛି । ଯଦି କୌଣସି କାର୍ଯ୍ୟକ୍ରମରେ ପ୍ରଶାସନିକ ତ୍ରୁଟି ଥାଏ, ତେବେ ତାହାକୁ ଯୁକ୍ତି ଓ ତଥ୍ୟ ଆଧାରରେ ଉଠାଯାଇପାରେ । ଯଦି କୌଣସି ସାମ୍ବିଧାନିକ ମର୍ଯ୍ୟାଦାର ଉଲ୍ଲଂଘନ ହୋଇଥାଏ, ତାହାର ପ୍ରତିବାଦ କରାଯାଇପାରେ । କିନ୍ତୁ ବିଧାୟକଙ୍କ ଜ୍ଞାନ, ଦକ୍ଷତା ଓ ବିଧାନସଭାର କାର୍ଯ୍ୟପ୍ରଣାଳୀକୁ ସୁଦୃଢ଼ କରିବାର ଉଦ୍ୟମରୁ ଦୂରେଇ ରହିବା ଜନସ୍ୱାର୍ଥରେ କେତେ ଉପଯୋଗୀ ? ଏହି ପ୍ରଶ୍ନର ଉତ୍ତର ଜନସାଧାରଣ ନିଶ୍ଚିତ ଭାବେ ଆଶା କରିବେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଗୁରୁତ୍ୱକୁ ମଧ୍ୟ ହାଲୁକା ଭାବେ ନେବା ଉଚିତ ନୁହେଁ। ଓଡ଼ିଶା ବିଧାନସଭାରେ ମୋଟ ୩୫ଟି ସମିତି ରହିଛି । ଏହି ସମିତିଗୁଡ଼ିକ ସରକାରୀ ବିଭାଗର କାର୍ଯ୍ୟ, ଯୋଜନାର କାର୍ଯ୍ୟାନ୍ୱୟନ, ଅର୍ଥ ବ୍ୟୟ, ଅନୁଦାନ ଓ ପ୍ରଶାସନିକ ଦାୟିତ୍ୱର ତଦାରଖ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଜଣେ ବିଧାୟକ କେବଳ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଉଠାଇବାରେ ସୀମିତ ନୁହନ୍ତି; ସମଗ୍ର ରାଜ୍ୟର ଅର୍ଥନୈତିକ ଓ ପ୍ରଶାସନିକ ଦିଗକୁ ବୁଝିବା ମଧ୍ୟ ତାଙ୍କର ଦାୟିତ୍ୱ । ବଜେଟ୍ ?ରେ କେଉଁ ବିଭାଗକୁ କେତେ ଅର୍ଥ ମିଳୁଛି, ଅନୁଦାନର ସଠିକ୍ ବ୍ୟବହାର ହେଉଛି କି ନାହିଁ, ଯୋଜନାର ଲାଭ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି କି ନାହିଁ, ଏସବୁ ବିଷୟରେ ଜ୍ଞାନ ନଥିଲେ ବିଧାନସଭାରେ ଗୁଣାତ୍ମକ ଆଲୋଚନା କିପରି ସମ୍ଭବ ? ତେଣୁ ଏହି ପ୍ରଶିକ୍ଷଣକୁ କୌଣସି ଦଳୀୟ ଆୟୋଜନ ଭାବେ ନୁହେଁ, ବରଂ ଜନପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିର ଏକ ଅବସର ଭାବେ ଦେଖିବା ଉଚିତ । ଏଠାରେ ଆଉ ଏକ ଘଟଣା ବିଶେଷ ଧ୍ୟାନ ଆକର୍ଷଣ କରିଛି । ପୂର୍ବରୁ ନିଲମ୍ବିତ ହୋଇଥିବା ଜଣେ ବିଧାୟକଙ୍କ ଏହି କାର୍ଯ୍ୟକ୍ରମରେ ଯୋଗଦାନ ରାଜନୈତିକ ପରିବେଶରେ ଏକ ଭିନ୍ନ ବାର୍ତ୍ତା ଦେଇଛି । ରାଜନୈତିକ ମତଭେଦ, ଦଳୀୟ ଅନୁଶାସନ ଓ ବ୍ୟକ୍ତିଗତ ରାଜନୈତିକ ସମୀକରଣ ନିଜ ନିଜ ସ୍ଥାନରେ ରହିପାରେ; କିନ୍ତୁ ଜନପ୍ରତିନିଧି ଭାବେ ଜ୍ଞାନ ଆହରଣ ଓ ସାମ୍ବିଧାନିକ ଦାୟିତ୍ୱ ପାଳନର ଗୁରୁତ୍ୱ କୌଣସି ଦଳୀୟ ସୀମାରେ ବନ୍ଧା ହେବା ଉଚିତ ନୁହେଁ। ଜଣେ ବିଧାୟକ ନିଜର ରାଜନୈତିକ ଅବସ୍ଥାନ ଯାହା ହେଉନା କାହିଁକି, ଜନସାଧାରଣଙ୍କ ପ୍ରତିନିଧି ଭାବେ ନିଜ ଦକ୍ଷତା ବୃଦ୍ଧି ପାଇଁ ଆଗ୍ରହ ଦେଖାଇବା ସ୍ୱାଗତଯୋଗ୍ୟ । ଏହି ଘଟଣା ଅନ୍ୟ ବିଧାୟକଙ୍କ ପାଇଁ ମଧ୍ୟ ଏକ ଚିନ୍ତନର ବିଷୟ ହେବା ଉଚିତ । ତେବେ ଶାସକ ଦଳ ମଧ୍ୟ ଆତ୍ମସନ୍ତୁଷ୍ଟ ହେବାର କୌଣସି କାରଣ ନାହିଁ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ବିରୋଧୀଙ୍କୁ ସମ୍ମାନର ସହ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ମଧ୍ୟ ସେତିକି ଆବଶ୍ୟକ । ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠତା ସରକାର ଗଠନର ଅଧିକାର ଦିଏ, କିନ୍ତୁ ବିରୋଧୀଙ୍କ ସ୍ୱରକୁ ଅଣଦେଖା କରିବାର ଅଧିକାର ଦିଏ ନାହିଁ। ସରକାର ଯଦି ସତରେ ଏକ ସୁଦୃଢ଼ ବିଧାନସଭା ଚାହୁଁଛନ୍ତି, ତେବେ ସମସ୍ତ ଦଳର ବିଧାୟକଙ୍କ ଅଂଶଗ୍ରହଣ, ସମାନ ସୁଯୋଗ ଓ ମୁକ୍ତ ଆଲୋଚନାକୁ ପ୍ରାଥମିକତା ଦେବାକୁ ପଡ଼ିବ। ବିରୋଧୀଙ୍କ ଅନୁପସ୍ଥିତିକୁ କେବଳ ନିଜର ରାଜନୈତିକ ସଫଳତା ଭାବେ ପ୍ରଚାର କରିବା ପରିବର୍ତ୍ତ ? ଏହାର କାରଣ ଖୋଜିବା ଓ ଭବିଷ୍ୟତରେ ସମସ୍ତଙ୍କୁ ଏକାଠି କରିବା ଅଧିକ ଜରୁରୀ। କାରଣ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସୁସ୍ଥ ସମ୍ପର୍କ ନଥିଲେ ବିଧାନସଭାର ଗୁଣାତ୍ମକତା କ୍ଷତିଗ୍ରସ୍ତ ହୁଏ। ଏବେ ଆସୁଛି ସବୁଠାରୁ ବଡ଼ ପ୍ରଶ୍ନ—ଜନସାଧାରଣ ବିଧାୟକଙ୍କୁ କାହିଁକି ନିର୍ବାଚିତ କରନ୍ତି ? କେବଳ ନିଜ ଦଳର ପତାକା ଧରିବା ପାଇଁ ନୁହେଁ, ବରଂ ଜନସମସ୍ୟାର ସମାଧାନ, ନୀତି ନିର୍ଦ୍ଧାରଣ, ସରକାରୀ ଖର୍ଚ୍ଚର ତଦାରଖ ଓ ଲୋକଙ୍କ ସ୍ୱରକୁ ବିଧାନସଭାରେ ପହଞ୍ଚାଇବା ପାଇଁ। ତେଣୁ ଯେଉଁ କାର୍ଯ୍ୟକ୍ରମ ଏହି ଦାୟିତ୍ୱକୁ ଅଧିକ ଦକ୍ଷତାର ସହ ପାଳନ କରିବାରେ ସହାୟକ ହୋଇପାରେ, ସେଥିରେ ଅଂଶଗ୍ରହଣକୁ ରାଜନୈତିକ ପ୍ରତିଷ୍ଠାର ପ୍ରଶ୍ନ କରିବା ଉଚିତ ନୁହେଁ। ନଭେମ୍ବର ୧୮ରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଏହି ପ୍ରଶିକ୍ଷଣର ବିଶେଷ ମହତ୍ତ୍ୱ ରହିଛି । ଏବେ ଓଡ଼ିଶାବାସୀ ଆଶା କରୁଛନ୍ତି, ବିଧାନସଭାରେ ଶବ୍ଦ କୋଳାହଳ ନୁହେଁ, ତଥ୍ୟଭିତ୍ତିକ ତର୍କ ଶୁଣିବାକୁ ମିଳୁ; ବ୍ୟକ୍ତିଗତ ଆକ୍ଷେପ ନୁହେଁ, ଜନସ୍ୱାର୍ଥର ପ୍ରଶ୍ନ ଉଠୁ; ରାଜନୈତିକ ଅହଂକାର ନୁହେଁ, ଦାୟିତ୍ୱବୋଧର ପ୍ରତିଫଳନ ଘଟୁ। ଶାସକ ଦଳ ନିଜର କାର୍ଯ୍ୟର ହିସାବ ଦେଉ ଏବଂ ବିରୋଧୀ ଦଳ ତଥ୍ୟ ଓ ଯୁକ୍ତି ଆଧାରରେ ସରକାରଙ୍କୁ ଉତ୍ତରଦାୟୀ କରୁ। ଏହା ହିଁ ସୁସ୍ଥ ଗଣତନ୍ତ୍ରର ପରିଚୟ । ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଏକ ସୁଯୋଗ ଥିଲା, ଯାହାକୁ ଦଳୀୟ ମତଭେଦଠାରୁ ଉପରକୁ ଉଠି ସମସ୍ତେ ଗ୍ରହଣ କରିପାରିଥାନ୍ତେ। ଯେଉଁମାନେ ଯୋଗ ଦେଲେ, ସେମାନଙ୍କ ଉପରେ ଏବେ ଶିଖିଥିବା ଜ୍ଞାନକୁ କାର୍ଯ୍ୟରେ ପ୍ରମାଣିତ କରିବାର ଦାୟିତ୍ୱ ରହିଲା; ଯେଉଁମାନେ ଅନୁପସ୍ଥିତ ରହିଲେ, ସେମାନଙ୍କ ପାଖରେ ନିଜ ନିଷ୍ପତ୍ତିର ଯୁକ୍ତି ଜନସାଧାରଣଙ୍କୁ ବୁଝାଇବାର ଦାୟିତ୍ୱ ରହିଲା। ଶେଷରେ ମନେ ରଖିବା ଆବଶ୍ୟକ, ରାଜନୀତିରେ ଦଳ ବଦଳିପାରେ, ସରକାର ବଦଳିପାରେ, ନେତୃତ୍ୱ ବଦଳିପାରେ; କିନ୍ତୁ ସମ୍ବିଧାନ, ବିଧାନସଭାର ମର୍ଯ୍ୟାଦା ଓ ଜନସାଧାରଣଙ୍କ ଆଶା କେବେ ବଦଳିବା ଉଚିତ ନୁହେଁ। ଗଣତନ୍ତ୍ରରେ ସବୁଠାରୁ ବଡ଼ ନେତା ସେ ନୁହନ୍ତି, ଯିଏ ସବୁବେଳେ ନିଜ ମତକୁ ଶ୍ରେଷ୍ଠ ବୋଲି ପ୍ରମାଣ କରନ୍ତି; ବରଂ ସେ ହିଁ ଶ୍ରେଷ୍ଠ, ଯିଏ ଶିଖିବାକୁ, ଶୁଣିବାକୁ, ଭୁଲ ସ୍ୱୀକାର କରିବାକୁ ଏବଂ ଜନସ୍ୱାର୍ଥ ପାଇଁ ଏକାଠି ହେବାକୁ ପ୍ରସ୍ତୁତ ରହନ୍ତି। ରାଜନୈତିକ ବର୍ଜନ ଦ୍ୱାରା କିଛି ସମୟ ପାଇଁ ଚର୍ଚ୍ଚା ମିଳିପାରେ, କିନ୍ତୁ ଜ୍ଞାନ ଓ ଦାୟିତ୍ୱବୋଧ ଦ୍ୱାରା ହିଁ ଇତିହାସରେ ସ୍ଥାନ ମିଳେ ।

ଆଧ୍ୟାତ୍ମିକତାରେ ସର୍ବ ଶ୍ରେଷ୍ଠ ମାସ କାର୍ତ୍ତିକ

ଡ଼କ୍ଟର ରାମଚନ୍ଦ୍ର ଦାଶ

ହିନ୍ଦୁ ଧର୍ମଶାସ୍ତ୍ର ବା ଓଡ଼ିଆ ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ପ୍ରାଣୀ ମାନଙ୍କର ମଙ୍ଗଳ ତଥା ଉଚିତ ପଥ ପ୍ରଦର୍ଶନ ପୂର୍ବକ ସୃଷ୍ଟିକର୍ତ୍ତା ଅନେକ ଧାର୍ମିକ ମାର୍ଗ ପ୍ରଦର୍ଶନ କରିଛନ୍ତି , ଯାହାଦ୍ୱାରା ମାନବ ସମାଜର ମଙ୍ଗଳ ସାଧନ, ହୃଦୟ ରେ ଧାର୍ମିକ ଭାବନା ବା ଭକ୍ତି ଜାଗ୍ରତ ହେବ । ବିଭିନ୍ନ ପର୍ବ - ପର୍ବାଣୀ ପାଳନ, ନୈବେଦ୍ୟ ଅର୍ପଣ ଆଦି ଆମେ ନିଷ୍ଠାର ସହ ପାଳନ କରିଥାଉ ।ମାସ ମାନଙ୍କ ମଧ୍ୟରେ ଶ୍ରେଷ୍ଠ କାର୍ତ୍ତିକ ମାସକୁ କୁହାଯାଇଛି,କାରଣ ଏହି ମାସରେ ରାଧାଦାମୋଦର ବିଗ୍ରହ ଙ୍କୁ ପୂଜା ଅର୍ଚ୍ଚନା କରାଯାଇଥାଏ। ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଯେଉଁ ଦଉଡ଼ି ରେ ମାଆ ଯଶୋଦା ବାନ୍ଧି ଦେଇଥିଲେ, ସେହି ଦଉଡ଼ି ର ନାମ ଥିଲା ' ଦାମ ' । ତେଣୁ ତାଙ୍କୁ ଦାମୋଦର ବୋଲି କୁହାଯାଏ । କାର୍ତ୍ତିକ ମାସର ପ୍ରତ୍ୟେକ ଦିନଟିର ମହତ୍ତ୍ୱ ରହିଛି । ଏହି ମାସଟି ସାରା ଅନେକ ପର୍ବ - ପର୍ବାଣୀ ପାଳନ କରାଯାଏ , ଯଥା :- ଦିପାବଳୀ,ଭ୍ରାତୃ ଦ୍ୱିତୀୟା , ଗୋଷ୍ଟାଷ୍ଟମୀ, ଅଁଳା ନବମୀ, ବଡ଼ ଏକାଦଶୀ,ବୈକୁଣ୍ଠ ଚତୁରଦ୍ଦଶୀ, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁକ ବ୍ରତ ଯାହାକି ବକପଞ୍ଚକ ନାମରେ ନାମିତ କରାଯାଇଛି । ଯାହାକି ପ୍ରତିଟି ଘରର ଚଉରା ବା ମା' ବୃନ୍ଦାବତୀ ମୂଳରେ ପଞ୍ଚ ବର୍ଣ୍ଣି ମୁରୁଜ ରେ ମହିଳାମାନଙ୍କ ଦ୍ୱାରା ଚାରି ବିଗ୍ରହଙ୍କ ଚିତା ବା ଝୋଟି ଅଙ୍କନ କରାଯାଏ ।

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ଠାରୁ କାର୍ତ୍ତିକ ମାସ ଶୁକ୍ଳଦଶମୀ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦାମୋଦର ବେଶ ଅନୁଷ୍ଠିତ ହୁଏ । ଶ୍ରୀମନ୍ଦିର ରେ ଏହି ବେଶ ଅନୁଷ୍ଠିତ ହେଉଥିବାରୁ ଏହାକୁ ଦାମୋଦର ମାସ କୁହାଯିବା ସହିତ ହବିଷ୍ୟ ମାସ,ମହା କାର୍ତ୍ତିକ ମାସ,ପ୍ରଦୀପ ପ୍ରଜ୍ୱଳନର ମାସ,ଚଉରା ବା ବୃନ୍ଦାବତୀ ସେବାର ମାସ,ଧର୍ମର ମାସ କାର୍ତ୍ତିକ,ଆକାଶ ଦୀପର ମାସ ଓ ଧର୍ମ ମାସ ମଧ୍ୟ କୁହାଯାଏ । ବିଷ୍ଣୁଙ୍କର ଅତିପ୍ରିୟ ବ୍ରତ କାର୍ତ୍ତିକ ବ୍ରତ ।ସମସ୍ତ ବ୍ରତ ମାନଙ୍କ ମଧ୍ୟରେ ଏହା ଶ୍ରେଷ୍ଠ ହୋଇଥାଏ । ସମସ୍ତ ଦେବତା ମଧ୍ୟ ଏହି କାର୍ତ୍ତିକ ବ୍ରତରେ ସନ୍ତୋଷ ଲାଭ କରନ୍ତି ଏବଂ ଯେଉଁ ବ୍ରତକୁ ଉଭୟ ନର ଓ ନାରୀ ପାଳନ କରିପାରିବେ ଏହା ସନାତନ ଧର୍ମୀୟ ଗ୍ରନ୍ଥ 'ବେଦ' ରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ଏହି ବ୍ରତ ପାଳନ କଲେ ସକଳ ପାପ ନାଶ ଯାଏ, ରୋଗ ନାଶ ଯାଏ,ସକଳ ତୀର୍ଥ ର ପୁଣ୍ୟ ପ୍ରାପ୍ତି ହୁଏ । ନିଷ୍ଠା, କାମନା ବିହୀନ ପୂଜା କରିବା ଦ୍ୱାରା ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ଜଗନ୍ନାଥ ସଂସ୍କୃତିରେ ବର୍ଣ୍ଣିତ ଅଛି

କାର୍ତ୍ତିକ ବ୍ରତ ବିଶେଷ କରି ବିଧବା ସ୍ତ୍ରୀ ଲୋକମାନେ ଅତ୍ୟନ୍ତ ନିଷ୍ଠାର ସହିତ, ନିଜର ଆତ୍ମାର କଲ୍ୟାଣ ନିମନ୍ତେ, ସଂସାରର ହିତ ସାଧନ ନିମିତ୍ତ ପ୍ରାତଃ ସ୍ନାନ ସାରି ବିଷ୍ଣୁଙ୍କର ପ୍ରିୟ ତୁଳସୀ ଚଉରା ମୂଳରେ ରାଇ - ଦାମୋଦର ପୂଜା କରନ୍ତି। ଝୋଟି ମୁରୁଜ ରେ ଚତୁର୍ଦ୍ଧାମୂର୍ତ୍ତି, କପୋତ - କପୋତି,ଶଙ୍ଖ, ଚକ୍ର, ସ୍ୱର୍ଗ ସିଢ଼ି ଆଦି ଚିତ୍ର ଆଙ୍କି ପୂଜା କରନ୍ତି । ଦିବସ ରେ ଏକବାର ହବିଷ୍ୟ ଅନ୍ନ ଭୋଜନ ନିଷ୍ଠାର ସହିତ କରନ୍ତି ଏବଂ ଆମିଷ ଭକ୍ଷଣ, କଞ୍ଚାଫଳ ଭକ୍ଷଣ ନିଷେଧ ହୋଇଥାଏ । ସାରା ମାସ ତୈଳ ମର୍ଦ୍ଦନ



ମଧ୍ୟ ନିଷେଧ ହୋଇଥାଏ । କୁସଙ୍ଗ,ମିଥ୍ୟା, ପରିହାସ ଠାରୁ ଦୂରେଇ ରହି ନିଷ୍ଠା ଓ ଭକ୍ତିର ସହିତ ଏହି ବ୍ରତକୁ ପାଳନ କରିବା ବିଧେୟ । ଶୁକ୍ଳ ବର୍ଷର ଧାନର ଚାଉଳ,ନାରିକେଳ ବା ନଡ଼ିଆ,ବନ୍ତଳ କଦଳୀ,ସାରୁ,ଓଉ, ଅଦା ପ୍ରଭୃତି ଦ୍ରବ୍ୟକୁ ପ୍ରାଧାନ୍ୟ ଦିଆଯାଇଥାଏ । ଯେଉଁ ଭୋଜନ ପ୍ରସ୍ତୁତ କରିବ ତାହାକୁ ନିଷ୍ଠାର ସହିତ ପ୍ରଭୁଙ୍କୁ ସମର୍ପଣ ତଥା ଭୋଗ ଦେଇ ଗ୍ରହଣ କରିବ । ସଂଧ୍ୟା ଆଳତି ରେ ଚଉରା ବା ବୃନ୍ଦାବତୀ ମୂଳରେ ଅଖଣ୍ଡ ଆକାଶ ଦୀପ ପ୍ରଜ୍ୱଳନ ସ୍ୱରୂପ କାର୍ତ୍ତିକ ମାହାତ୍ମ୍ୟ ପଠନ କରି ନିଜର ମନ ଓ ହୃଦୟକୁ ଦାମୋଦରଙ୍କ ଚରଣରେ ସମର୍ପଣ କରି ଦିଅନ୍ତି ।

କାର୍ତ୍ତିକ ମାସ ଧର୍ମର ମାସ, ତେଣୁ ଏହି ମାସରେ ଦାନ ଏବଂ ଧର୍ମ କରିବା ବିଧେୟ । ଗୁରୁଙ୍କୁ ଦକ୍ଷିଣା ଦାନ, ବ୍ରାହ୍ମଣ ଙ୍କୁ ବସ୍ତ୍ର ଦାନ, ଭିକ୍ଷୁକ କୁ ଅନ୍ନଦାନ, ପଶୁପକ୍ଷୀଙ୍କୁ ଖାଦ୍ୟ ଦାନ କରିବା ଦ୍ୱାରା ସର୍ବଶ୍ରେଷ୍ଠ ପୁଣ୍ୟ ହୋଇଥାଏ । ପୁଣ୍ୟ ଏବଂ ପାପର ଅର୍ଥ ବୁଝି ଜୀବନର ରାସ୍ତାରେ ଚାଲୁଥିବା ମଣିଷଟି କାର୍ତ୍ତିକ ବ୍ରତରେ ନିଜକୁ ଦାମୋଦରଙ୍କର ପରମ ସେବକ ଟିଏ ପ୍ରତିପାଦ୍ଧ ସ୍ୱରୂପ ନିଜକୁ ସତ୍ୟ ଧର୍ମର ପଥରେ ସଦା ନେବାକୁ ନିବେଦନ କରୁଥାଏ ।

ପରମ ପାବନ ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ର ଧାମ,ଚାରି ଧାମ ମଧ୍ୟରେ ଶ୍ରେଷ୍ଠ ଧାମ । ବଦ୍ରୀନାଥ ଧାମ, ରାମନାଥ ଧାମ, ଦ୍ୱାରିକାନାଥ ଧାମ ଓ ଜଗନ୍ନାଥ ଧାମ ବା ପୁରୁଷୋତ୍ତମ ଧାମ ଏହି ଚାରି ଧାମର ଫଳ ବା ପୁଣ୍ୟପ୍ରାପ୍ତି କେବଳ ଜଗନ୍ନାଥ ଧାମରେ ହିଁ ହୋଇଥାଏ । ବଦ୍ରୀନାଥ ଧାମ, ରାମନାଥ ଧାମ,ଓ ଦ୍ୱାରିକା ରେ ଦ୍ୱାରିକାନାଥ ହୋଇଥିବାବେଳ ପୁରୀ ରେ ବା ନୀଳାଚଳ ରେ ନୀଳାଚଳ ନାଥ ନ ହୋଇ ପ୍ରଭୁଙ୍କୁ ଜଗତର ନାଥ କୁହାଯାଇଛି । ଶ୍ରୀକ୍ଷେତ୍ର ରେ ମାସଟିଏ ରହି ହବିଷ୍ୟ କରିବାକୁ କାହିଁ କେତେ ଦୂରରୁ ଭକ୍ତମାନେ ଧାଇଁ ଆସନ୍ତି ପତିତପାବନ ଦର୍ଶନ,ପଞ୍ଚତୀର୍ଥ ରେ ସ୍ନାନ, ଅରୁଣସ୍ତମ୍ଭ ମୂଳରେ ପ୍ରାର୍ଥନା, ଶ୍ରୀ ମହାପ୍ରସାଦ ସେବନ ଆଦି ସେବା ପ୍ରଭୁଙ୍କ ଉଦ୍ଦେଶ୍ୟ ରେ କରିଥାଆନ୍ତି । ସେମାନଙ୍କ ଭକ୍ତି ପୂର୍ଣ୍ଣ ପରିବେଶ ରେ ହସିଉଠେ ସିଂହ ଦ୍ୱାର । ରାଇ - ଦାମୋଦର ପୂଜନ ସମୟରେ କାର୍ତ୍ତିକ ପୁରାଣ ପାଠ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ହୋଇଛି ଯେଉଁମାନେ ସଙ୍କଳ୍ପ ମନାସୀ ନିଷ୍ଠାର ସହିତ ଏହି ବ୍ରତ କରି ଶେଷରେ ଉଦଯାପନ୍ କରିଥାନ୍ତି, ସେମାନଙ୍କର ଆୟୁ , ଯଶ,ଧନ ବୃଦ୍ଧି ପାଇଥାଏ ଓ ସେମାନେ ବିଷ୍ଣୁଲୋକ ପ୍ରାପ୍ତ ହୋଇଥାନ୍ତି । କାର୍ତ୍ତିକ ବ୍ରତ ନକରି ଯେଉଁ ଲୋକ କାର୍ତ୍ତିକ ମାସରେ ଧର୍ମ ଦ୍ରୋହୀ ହୋଇଥାଏ,ଗୁରୁ ନିନ୍ଦା,ପାପକର୍ମ ଆମିଷ ଭକ୍ଷଣ ଆଦି କର୍ମ କରିଥାଏ, ମୃତ୍ୟୁ ପରେ ତାହାକୁ କୁମ୍ଭୀପାକ ନର୍କ ଯନ୍ତ୍ରଣା ଭୋଗିବାକୁ ପଡ଼ିଯାଏ । ଯମଦୂତମାନେ ତାହାକୁ ଅଗ୍ନି କୁଣ୍ଡ ରେ ପକାନ୍ତି, କଣ୍ଟା ବାଡ଼ରେ ଘୋଷାଡି ଘୋଷାଡି ନିଅନ୍ତି । ପୋକ ସାଲୁବାଲୁ କୁଣ୍ଡରେ ତାହାକୁ ଫୋପାଡ଼ି ଦିଅନ୍ତି । ନାକ ପୁଡା ରେ କଣ୍ଟା ବାଡ଼ ?ରେ ପାଟିରେ ଧୂଳି ଭର୍ତ୍ତି କଲା ଦଣ୍ଡ ଦିଅନ୍ତି। କାର୍ତ୍ତିକ ବ୍ରତ କରିଥିବା ବ୍ୟକ୍ତିଙ୍କୁ ଏପରି ଦଣ୍ଡ ମିଳି ନଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଜୀବନରେ ପୁଣ୍ୟ ଲାଭ କରିବା ବିଧେୟ ।

- ଜୟ ଶ୍ରୀ ଜଗନ୍ନାଥ -

:- ସାରସ୍ୱତ ଭବନ :-

ପ୍ର.ସମ୍ପାଦକ'ସଂସ୍କାର' ପତ୍ରିକା

ଗ୍ରାମ - ଅକରପଡ଼ା, ପୋଷ୍ଟ-ନଳୀପୁର, ଭାୟା-ବାଲିଚନ୍ଦ୍ରପୁର, ଜିଲ୍ଲା-କଟକ,ମୋ ନଂ - ୮୪୫୭୯୯୧୩୧୭

ଇ-ମେଲ୍ ଆଇଡ୍ -

ramachandradash71@gmail.com

ପତି ପରମେଶ୍ୱର

ପଙ୍କଜ କୁମାର ପାଣିଗ୍ରାହୀ

ଇଂରେଜ ଶାସନ କାଳରେ ଭାରତୀୟ ଦର୍ଶନ / ଧର୍ମ ଶାସ୍ତ୍ର ଗୁଡିକୁ ଯେତିକି ବିକୃତ କରାଯାଇଥିଲା ତା' ବିଷୟ



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଜଳଛତ୍ର କର୍ମଚାରୀଙ୍କୁ ମିଳିନି ପାଉଣା, ମାସ ମାସ ଧରି ଅପେକ୍ଷାରେ ଗରିବ ପରିବାର !

ପାଟଣାଗଡ, (ମହାଭାରତ) : ଗ୍ରୀଷ୍ମପ୍ରବାହ ସମୟରେ ଗାଁ ଗହଳିରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ କରୁଥିବା ବାଟୋଇଙ୍କ ଶୋଷ ମେଣ୍ଟାଇବା ପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥାଏ। ଏହି ଜଳଛତ୍ର ମାଧ୍ୟମରେ ଲୋକଙ୍କୁ ଥଣ୍ଡା ପାଣି ଯୋଗାଇବା ପାଇଁ ଜଣେ ଜଣେ ଗରିବ ଲୋକଙ୍କୁ ନିୟୋଜିତ କରାଯାଇଥାଏ। ଟାଣ ଖରା ଓ ପ୍ରବଳ ଗରମକୁ ଖାତିର ନକରି ଅଳ୍ପ କିଛି ପାଉଣା ଆଶାରେ ସେମାନେ ଦିନସାରା ବାଟୋଇଙ୍କୁ ପାଣି ଯୋଗାଇ ନିଜର ଦାୟିତ୍ୱ ତୁଲାଇଥାନ୍ତି।

କିନ୍ତୁ ଦୁଃଖର ବିଷୟ, ଏହି ଗରିବ ଶ୍ରମଜୀବୀଙ୍କୁ ଏପର୍ଯ୍ୟନ୍ତ ଚଳିତ ବର୍ଷର ଜଳଛତ୍ର ପାଉଣା ମିଳିନଥିବା ଅଭିଯୋଗ ହେଉଛି। ସାଧାରଣତଃ ଅଗଷ୍ଟ ମାସ ଶେଷ ସୁଦ୍ଧା ସେମାନଙ୍କୁ ପାଉଣା ପ୍ରଦାନ କରାଯାଇଥାଏ। ହେଲେ ଚଳିତ ବର୍ଷ ନଭେମ୍ବର ମାସ ହୋଇଥିଲେ ମଧ୍ୟ ଟଙ୍କା ନମିଳିବାରୁ ଜଳଛତ୍ରରେ କାର୍ଯ୍ୟ କରିଥିବା ଲୋକମାନେ ନିରାଶ ହୋଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଯେଉଁ ଗରିବ ଲୋକମାନେ ନିଜର ଝାଳବୁହା ପରିଶ୍ରମ କରି ଗ୍ରୀଷ୍ମପ୍ରବାହ ସମୟରେ ସାଧାରଣ ଲୋକଙ୍କ ଶୋଷ ମେଣ୍ଟାଇଥିଲେ, ସେମାନଙ୍କ ପାରିଶ୍ରମିକ ପ୍ରଦାନରେ ଏତେ ବିଳମ୍ବ କାହିଁକି ? ଗୋଟିଏ ପଟେ ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟପଟେ ଗରିବ ଶ୍ରମଜୀବୀଙ୍କ ନ୍ୟାଯ୍ୟ ପାଉଣା କାହିଁକି ଅଟକି ରହିଛି ? ସ୍ଥାନୀୟ ସ୍ତରରେ ରାଜନୈତିକ ମତଭେଦ ଓ ଶାସକ ଦଳ ସମର୍ଥିତ ସରପଞ୍ଚଙ୍କ ସଂଖ୍ୟା କମ୍ ଥିବାରୁ ଗ୍ରାମ ପଞ୍ଚାୟତଗୁଡ଼ିକ ପ୍ରତି ସରକାରଙ୍କ ଅଣଦେଖା ରହୁଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏହି ଅଭିଯୋଗର ସତ୍ୟତା ଯାହା ହେଉନା କାହିଁକି, ରାଜନୈତିକ ମତଭେଦର ପ୍ରଭାବ ଗରିବ ଶ୍ରମଜୀବୀଙ୍କ ଉପରେ ପଡ଼ିବା ଉଚିତ ନୁହେଁ। ସରକାର ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଜଳଛତ୍ରରେ କାର୍ଯ୍ୟ କରିଥିବା ସମସ୍ତ ହିତାଧିକାରୀଙ୍କ ବକେୟା ପାଉଣା ଯଥାଶୀଘ୍ର ପ୍ରଦାନ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ଦିନସାରା ଖରାରେ ଠିଆ ହୋଇ ଲୋକଙ୍କ ଶୋଷ ମେଣ୍ଟାଇଥିବା ଏହି ଗରିବ ଲୋକଙ୍କ ପରିଶ୍ରମର ମୂଲ୍ୟ କେବେ ମିଳିବ, ତାହା ଏବେ ବଡ଼ ପ୍ରଶ୍ନ ?

ଶରଣକୁଳ ୬୫ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ବରଗଡ଼କୁ ହରାଇ ଫାଇନାଲରେ ଫୁଲବାଣୀ

ଓଡ଼ଗାଁ, (ମହାଭାରତ): ଶରଣକୁଳ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୬୫ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ୬ଷ୍ଠ ଦିବସ ୨ୟ ସେମିଫାଇନାଲ ଖେଳରେ ଫୁଲବାଣୀ ଏଫ.ଏ. ୪-୧ ଗୋଲରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ,ବରଗଡ଼କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବାତ୍ୟାର ଲଗାଣ ବର୍ଷାପରେ ଆଜିର ଖେଳର ପ୍ରଥମାର୍ଦ୍ଧରେ ଫୁଲବାଣୀ ଦଳ ସୁନ୍ଦରଭାବେ ଖେଳି ୩-୦ରେ ଅଗ୍ରଣୀ ରହିଥିଲା।ପରେ ଖେଳର ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳର ଖେଳାଳି ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଫୁଲବାଣୀର ୭ନଂ ଖେଳାଳି କବିରଙ୍କ ଏକ ଗୋଲରେ ଦଳ ୪-୧ରେ ଆଗୁଆ ରହିଥିଲା।ଫଳରେ ଫୁଲବାଣୀ ଦଳ ୪-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।ଆଜିର ମ୍ୟାଚରେ ଅତିଥି ଭାବେ ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ପ୍ରଧାନଙ୍କ ସମେତ ଓଡ଼ଗାଁ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସନ୍ତୋଷ କୁମାର ପାତ୍ର,ସାମାଜିକ କର୍ମୀ ମାମୁନି ରୌଫ,ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାସ ଯୋଗଦେଇ ରେଫେରୀ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ଆଜିର ସର୍ବଶ୍ରେଷ୍ଠ ଖେଳାଳି ଭାବେ ଫୁଲବାଣୀର ଦୀନବନ୍ଧୁଙ୍କୁ ଟ୍ରଫି ସହ ୧ ହଜାର ଟଙ୍କା ଏବଂ ବରଗଡ଼ ଦଳର ଅଜୟ ବାରୁଆଙ୍କୁ ୨ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।ମୁଖ୍ୟ ରେଫେରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ଲାଇନରେ ଜଗନ୍ନାଥ ପରିଡା ଓ ପ୍ରସନ୍ନ ନାୟକ ଏବଂ ୪ର୍ଥ ରେଫେରୀ ଭାବେ ଏମ ଡି ସାକିଲ ଖେଳକୁ ପରିଚାଳନା କରିଥିଲେ।ରବିବାର ଫାଇନାଲ ଖେଳ ଡି.ଏ.ସୁନ୍ଦରଗଡ଼ ବନାମ ଫୁଲବାଣୀ ଏଫ.ଏ.ମଧ୍ୟରେ ଅନୁଷ୍ଠିତ ହେବବୋଲି ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ସୂଚନା ଦେଇଛନ୍ତି।

ଡାଲମିଆ ବିଦ୍ୟା ମନ୍ଦିର ରାଜଗାଙ୍ଗପୁରଠାରେ ଓଡ଼ିଶାର ରାଜ୍ୟସ୍ତରୀୟ ସାଇବର ହାଇଜିନ୍ ମଡେଲ ୟୁନାଇଟେଡ୍ ନେସନ୍ସ (ସିଏଚ୍ଏମୟୁଏନ୍) ୨୦୨୬କୁ ସଫଳତାର ସହ ଆୟୋଜନ



ରାଜଗଙ୍ଗପୁର, (ମହାଭାରତ): ଡାଲମିଆ ଭାରତ ଗ୍ରୁପ୍‌ର ସହାୟତାରେ ପ୍ରତିଷ୍ଠିତ ଏକ ପାରମ୍ପରିକ ଶିକ୍ଷାନୁଷ୍ଠାନ, ରାଜଗାଙ୍ଗପୁରର ଡାଲମିଆ ବିଦ୍ୟା ମନ୍ଦିର (ଡିଭିଏମ୍), ସଫଳତାର ସହ ଓଡ଼ିଶାର ରାଜ୍ୟସ୍ତରୀୟ ସାଇବର ହାଇଜିନ୍ ମଡେଲ ୟୁନାଇଟେଡ୍ ନେସନ୍ସ (ସିଏଚଏମୟୁଏନ) ୨୦୨୬ ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମଟି ନଭେମ୍ବର ୧୭ ଏବଂ ୧୮ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ କଲୋନୀ ପରିସରରେ ସି-ଡିଏସି, ହାଇଦ୍ରାବାଦ ଏବଂ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମଇଆଇଟିୱାଇ) ଅଧୀନରେ ଥିବା ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସ ରେସପନ୍ସ ଟିମ୍ (ସିଇଆରଟି-ଆଇଏନ୍) ଦ୍ୱାରା ଇନଫର୍ମେସନ୍ ସିକ୍ୟୁରିଟି ଏଜୁକେସନ୍ ଆଣ୍ଡ ଆୱାର୍ନେସ୍ (ଆଇଏସଇଏ) କାର୍ଯ୍ୟକ୍ରମ ଅଧୀନରେ ମିଳିତ ଭାବେ ଆୟୋଜିତ ହୋଇଥିଲା, ଯାହାର ବିଷୟବସ୍ତୁ ଥିଲା 'ସାଇବର ହାଇଜିନ୍'। ଏହି ଦୁଇଦିନିଆ ସମ୍ମିଳନୀରେ ଓଡ଼ିଶାର ୯ଟି ଜିଲ୍ଲାର ୧୮ଟି ବିଦ୍ୟାଳୟରୁ ୪୬ ଜଣ ଛାତ୍ର ପ୍ରତିନିଧି ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଭୁବନେଶ୍ୱର, କେନ୍ଦ୍ରାପଡ଼ା, କଟକ, ବାରିପଦା, ବଲାଙ୍ଗୀର, ଗଞ୍ଜାମ, ଢେଙ୍କାନାଳ ଏବଂ ସୁନ୍ଦରଗଡ଼ ଅନ୍ତର୍ଭୁକ୍ତ। ଅଂଶଗ୍ରହଣ କରିଥିବା ସମସ୍ତ ବିଦ୍ୟାଳୟକୁ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଉଦଘାଟନୀ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ କୁମାର ସାହୁ (ବରିଷ୍ଠ ଓଏଏସ୍); ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ମାନୁଫ୍ୟାକ୍‌ଚରିଂ କ୍ଲଷ୍ଟର ହେଡ୍ (ପୂର୍ବାଞ୍ଚଳ) ଶ୍ରୀ ରାଣା ଦେ; ଭାରତ ସରକାରଙ୍କ ସିଇଆରଟି-ଇନ୍ (ସିଇଆରଟି-ଆଇଏନ୍) ର ବୈଜ୍ଞାନିକ 'ଡି'/ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ରାକେଶ କୁମାର ସିଂହ; ଏନଆଇଟି ରାଉରକେଲାର ପୂର୍ବତନ ପ୍ରଫେସର ଏସ. ଜୟନ୍ତୁ; ବିପିୟୁଟି, ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡ. ଡି. ଚନ୍ଦ୍ରଶେଖର ରାଓ; ଏସ.ଡି. ମହିଳା ମହାବିଦ୍ୟାଳୟର ଶ୍ରୀ ସପନ ପଣ୍ଡା ଏବଂ ରାଜଗାଙ୍ଗପୁର ଡାଲମିଆ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଶ୍ରୀ ଜୟଦେବ କର ପ୍ରମୁଖ ଯୋଗ ଦେଇଥିଲେ।

ମଡେଲ ୟୁନାଇଟେଡ୍ ନେସନ୍ସ ଫର୍ମାଟ୍ ମାଧ୍ୟମରେ, ଛାତ୍ର ପ୍ରତିନିଧୀମାନେ ପ୍ରାସଙ୍ଗିକ ଡିଜିଟାଲ୍ ସମସ୍ୟା ଉପରେ ବିଚାରବିମର୍ଶ କରିଥିଲେ, ମତ ବିନିମୟ କରିଥିଲେ ଏବଂ ଏକ ନିରାପଦ ତଥା ସୁରକ୍ଷିତ ଅନଲାଇନ୍ ପରିବେଶ ଗଠନ ପାଇଁ ବିଭିନ୍ନ ଉପାୟ ଅନୁସନ୍ଧାନ କରିଥିଲେ। ଛାତ୍ରଛାତ୍ରୀମାନେ ସାଇବର ସୁରକ୍ଷା ଆହ୍ୱାନ, ସୂଚନା ସୁରକ୍ଷା ଏବଂ ନିରାପଦ ଡିଜିଟାଲ୍ ଅଭ୍ୟାସ ଉପରେ ଅର୍ଥପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସମାଲୋଚନାତ୍ମକ ଚିନ୍ତାଧାରା, ସର୍ବସାଧାରଣରେ ବକ୍ତୃତା, ସହଯୋଗ ଏବଂ ସୂଚନାଭିତ୍ତିକ ନିଷ୍ପତ୍ତି ନେବାର ଦକ୍ଷତାର ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରିଥିଲା। ବିଚାରବିମର୍ଶ ପରେ, ରାଉରକେଲାର ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲର କୁମାର କୁଲଦୀପ ରାଉତ ଏବଂ ବଲାଙ୍ଗୀରର ଶ୍ରୀ ଦାଦିଜୀ ମନ୍ଦିର ଟ୍ରଷ୍ଟ ପ୍ରଭାବତୀ ପବ୍ଲିକ୍ ସ୍କୁଲର ସୁଦୀପ୍ତା ସାହୁ ବିଜୟୀ ହୋଇଥିଲେ। ବିଜୟୀ ପ୍ରତିନିଧୀମାନେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

ଏହି ଅବସରରେ ଡାଲମିଆ ବିଦ୍ୟା ମନ୍ଦିରର ମୁଖ୍ୟ ଶିକ୍ଷା ଅଧିକାରୀ ଡଃ କବିତା ମାଥୁର କହିଛନ୍ତି, 'ଯେହେତୁ ପ୍ରଯୁକ୍ତିବିଦ୍ୟା ଯୁବପିଢ଼ିଙ୍କ ଶିକ୍ଷା, ଯୋଗାଯୋଗ ଏବଂ ବିଶ୍ୱ ସହିତ ଜଡ଼ିତ ହେବାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି, ତେଣୁ ଏହାର ଦାୟିତ୍ୱବାନ ବ୍ୟବହାର ଏବଂ ବିପଦ ସମ୍ପର୍କରେ ବୁଝିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସିଏଚ୍ଏମୟୁଏନ୍ ଭଳି ପଦକ୍ଷେପଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ସୁରକ୍ଷା ବିଷୟରେ ଗମ୍ଭୀର ଭାବେ ଚିନ୍ତା କରିବାକୁ ଏବଂ ଅନଲାଇନରେ ସଠିକ୍ ନିଷ୍ପତ୍ତି ନେବା ପାଇଁ ସଚେତନତା ସୃଷ୍ଟି କରିବାକୁ ଉତ୍ସାହିତ କରେ।

୧୯୬୩ ମସିହାରେ ପ୍ରତିଷ୍ଠିତ, ରାଜଗାଙ୍ଗପୁରର ଡାଲମିଆ ବିଦ୍ୟା ମନ୍ଦିର ଶିକ୍ଷା କ୍ଷେତ୍ରରେ ଛଅ ଦଶନ୍ଧିରୁ ଅଧିକ ସମୟର ଏକ ଗୌରବମୟ ପରମ୍ପରା ବହନ କରୁଛି। ଡାଲମିଆ ଭାରତ ଗ୍ରୁପ୍‌ର ତତ୍ତ୍ୱାବଧାନରେ ପ୍ରତିଷ୍ଠିତ, ଡାଲମିଆ ବିଦ୍ୟା ମନ୍ଦିର ସ୍କୁଲ ଶିକ୍ଷା (କ-୧୨) କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ, ଯାହା ଏହାର ବ୍ୟାପକ ଶିକ୍ଷଣ ବ୍ୟବସ୍ଥା ଏବଂ ଅତ୍ୟାଧୁନିକ ସୁବିଧା ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରେ। ଏହି ଅନୁଷ୍ଠାନ ଶିକ୍ଷାର୍ଥୀମାନଙ୍କର ଶିକ୍ଷାଗତ ଉତ୍କର୍ଷ, ବୈଜ୍ଞାନିକ ଜିଜ୍ଞାସା, ସୃଜନଶୀଳତା ଏବଂ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇ ଶିକ୍ଷା ପ୍ରଦାନ କରିଥାଏ।

'ଅକଭାନ' ବତ୍ୟାକୁ ନେଇ ଲୋକଙ୍କୁ ଉଦ୍ଧାରକଲା ବ୍ଲକ୍ ପ୍ରଶାସନ



ଓଡ଼ଗାଁ, (ମହାଭାରତ):ବାତ୍ୟା 'ଅକଭାନ' ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଥିବାବେଳେ ସତର୍କ ରହିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଆଜି ଓଡ଼ଗାଁରେ ଦିନ ତମାମ ତୁହାକୁତୁହା ବର୍ଷା ସାଙ୍ଗକୁ ହାଲକା ପବନ ଅନୁଭୂତ ହୋଇଛି। ରୋହିବାଙ୍କ ଅଞ୍ଚଳରେ ବସବାସ କରୁଥିବା ୧୨ ପରିବାରଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି।ସୂଚନା ଅନୁଯାୟୀ, ରୋହିବାଙ୍କ ଅଞ୍ଚଳରେ ୧୨ ପରିବାର ମୁଣ୍ଡପୋତାକେଳା ଦିର୍ଘ ଦିନଧରି ବସବାସ କରିଆସୁଛନ୍ତି।ଖଜୁରିପତ୍ରରେ ଘର ଛପରକରି ପରିବାର ଧରି ଚଳୁଥିଲେ।ଅନ୍ଧାରିଆ ରାତିରେ ଲଗାଣ ବର୍ଷାଯୋଗୁ ଘରେ ପାଣିପଶି ଆସବାବପତ୍ର ସବୁ ଓଦା ହୋଇଥିଲା। ବେଳକୁ ବେଳ ବିପଦମାଡ଼ି ଆସୁଥିବାରୁ ମୁଣ୍ଡପୋତାକେଳା ଚିନ୍ତାରେ ପଡ଼ିଥିଲେ।ପରିବାରକୁ ଧରି କିଭଳି ରାତି କାଟିବେ ଓ କ'ଣ ଖାଇବେ ତାହା ସେମାନଙ୍କୁ ଅକଳରେ ପକାଇଥିଲା। କିନ୍ତୁ ଦେବଦୂତ ସାଜିଥିଲେ ବ୍ଲକ୍ ବିଡ଼ିଓ ଓ ତହସିଲଦାର।ବାତ୍ୟା ସମୟରେ କେଉଁ ପରିବାର ଦୁର୍ଦ୍ଦଶାରେ ଅଛନ୍ତି କିଏ ପାଣି ଭିତରେ କିମ୍ବା କାହାର ଘର ଭାଙ୍ଗି ଯାଇଛି ତା ଉପରେ ଟିକନିକ ନଜର ରଖିଥିଲେ।ଖବରପାଇ ବିଡ଼ିଓ ସୁଶ୍ରୀ ପ୍ରୀତିବାଳା ରଣା ଓ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଘଟଣା ସ୍ଥଳରେ ପହଞ୍ଚି ୧୨ ପରିବାରର ୫୦ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତର କରିଛନ୍ତି।ବାତ୍ୟା କମିବା ପର୍ଯ୍ୟନ୍ତ ଏହି ପରିବାରର ଲୋକମାନେ ରୋହିବାଙ୍କ ହାଇସ୍କୁଲ ଘରେ ଆଶ୍ରୟ ନେବେବୋଲି ପରାମର୍ଶ ଦିଆଯାଇଛି। ସମସ୍ତ ଲୋକଙ୍କୁ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଦେବାକୁ ବିଡ଼ିଓ ସୁଶ୍ରୀ ରଣା ପଞ୍ଚାୟତ ପିଇଓ ଓ ସରପଞ୍ଚ ମହନ୍ତ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଯଦି ବର୍ଷା,ପବନ ସମୟରେ କିଏ ଦୁର୍ଦ୍ଦଶାରେ ଅଛନ୍ତି କିମ୍ବା ଘର ଭାଙ୍ଗିପଡ଼ିଛି,କାହାରି ଘରେ ପାଣି ପଶିଛି ତେବେ ସ୍ଥାନୀୟ ସରପଞ୍ଚ,ପିଇଓ ଏବଂ ବିଡ଼ିଓ କିମ୍ବା ତହସିଲଦାରଙ୍କ ନଜରକୁ ଆଣିବାକୁ ବିଡ଼ିଓ ଜନସାଧାରଣକୁ ଅପିଲ କରିଛନ୍ତି।

୧୭ବର୍ଷ ପରେ ଦୋଷୀ ସାବ୍ୟସ୍ତ ହେଲେ ୭୦ବର୍ଷୀୟ ଅଭିଯୁକ୍ତ

ଗଜପତି, (ମହାଭାରତ): ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ବିକ୍ଷପ ଦଳରେ ଯୋଗ ନ ଦେବାକୁ ନେଇ ରାତିରେ ଶୋଇଥିବା ସମୟରେ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିବା ଭଳି ୧୭ବର୍ଷ ପୁରୁଣା ଏକ ସଙ୍ଗିନ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ମୋହନାର ଜେ.ଏମ୍.ଏଫ.ସି. ବିକାଶ କିରଣ ମିଶ୍ର ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୫ (ସ୍ୱେଚ୍ଛାକୃତ ଭାବରେ ଗୁରୁତର ଆଘାତ କରିବା) ଓ ଧାରା ୫୦୬ (ଧମକ ଦେବା) ଅପରାଧରେ ମୋହନା ଥାନା ଅନ୍ତର୍ଗତ ସୁଲୁବା ଗ୍ରାମ ନୂଆ ସାହିର ଅଶୋକ ନାୟକ (୭୦ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏ.ପି.ପି. ସୁଶାନ୍ତ କୁମାର ମଲ୍ଲିକ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମୋହନା ଥାନା ଅନ୍ତର୍ଗତ ସୁଲୁବା ଗ୍ରାମ ନୂଆ ସାହିର ଏତଲାକାରି ମାନୁଏଲ ମାଝୀ ତା ୦୧-୦୬-୨୦୦୯ରିଖ ଦିନ ରାତ୍ରି ୧୧.୩୦ମିନିଟ ସମୟରେ ନିଜର ଘର ପିଣ୍ଡାରେ ପରିବାରବର୍ଗଙ୍କ ସହ ଶୋଇଥିବା ସମୟରେ ଅତର୍କିତ ଭାବେ ତାଙ୍କ ଉପରକୁ ଆକ୍ରମଣ ହେବାରୁ କଷ୍ଟରେ ଉଠି ପଡ଼ି ଦେଖିବାରୁ ଅଭିଯୁକ୍ତ ଅଶୋକ ନାୟକ ଏକ ଟାଙ୍ଗିଆରେ ତାଙ୍କୁ ହାଣିବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିବାକୁ ଧମକ ଦେବା ଆରମ୍ଭ କରିଦେଇଥିଲା। ପୁନର୍ବାର ଅଶୋକ ନାୟକ ମାରିବା ପାଇଁ ଚେଷ୍ଟା କରିବା ସମୟରେ ସାହାଯ୍ୟ ପାଇଁ ଏତଲାକାରି ଚିତ୍କାର କରିବାରୁ ସାହି ପଡ଼ିଶା ଲୋକ ସେଠି ପହଞ୍ଚି ତାଙ୍କୁ ବଞ୍ଚାଇଥିଲେ କିନ୍ତୁ ଅଶୋକ ନାୟକ ତାଙ୍କୁ ମାରିଦେବାକୁ ଧମକ ଦେଇ ସେଠାରୁ ପଳାଇଥିଲେ। ଉକ୍ତ ଆକ୍ରମଣରେ ଏତଲାକାରିଙ୍କର ହାତ ଭାଙ୍ଗିବା ସହ ୩୦ ଫାଟିଯାଇଥିଲା ।

ଅର୍ଣ୍ଣବ ବାତ୍ୟାରେ ଧାନ ଫସଲ ନଷ୍ଟ ହୋଇ ଥିବା ଚାଷୀଙ୍କୁ କ୍ଷୟ କ୍ଷତି ମିଳିବ କେବେ ?



ଗଜପତି, (ମହାଭାରତ): ଜିଲ୍ଲାରେ ଅର୍ଣ୍ଣବ ବାତ୍ୟାରେ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇ ଯାଇଛି। ଚାଷୀ ଙ୍କ ଧାନ ଫସଲ ର କ୍ଷୟ କ୍ଷତି ଆକଳନ କୃଷି ବିଭାଗ ଓ ରାଜସ୍ୱ ବିଭାଗ ଆକଳନ କରାଯାଇଥିଲା। ଚାଷୀ ଙ୍କ ଧାନ ଫସଲ ନଷ୍ଟ ହୋଇ ଥିବା ଫୋଟ, ଜମି ପଟ୍ଟା, ବଙ୍କ ଖାତା ଜେରକ୍ସ, ପ୍ରଦାନ କରାଯାଇଥିଲା କିନ୍ତୁ ଚାଷୀ ଆଜି ପର୍ଯ୍ୟନ୍ତ କ୍ଷୟ କ୍ଷତି ପାଇ ନଥିବା ଅଭିଯୋଗ ହୋଇଛି। କିଛି ଚାଷୀ ଅଭିଯୋଗ କରିଛନ୍ତି କ୍ଷୟ କ୍ଷତି ଦେଲେ ମଣ୍ଡି କୁ ସେହି ଜମିର ଧାନ ଦେଇ ପାରି ବେ ନା। ହିଁ ଭାବି ଧାନ ଫସଲ କ୍ଷତି ହୋଇ ଥିଲେ ମଧ୍ୟ କ୍ଷୟ କ୍ଷତି ଦେଇ ନଥିବା ପ୍ରକାଶ କରିଛନ୍ତି। ବର୍ତମାନ ଅକ୍ଟନ ବାତ୍ୟା ଆସି ପହଞ୍ଚିଛି କିନ୍ତୁ ଧାନ ଫସଲ କ୍ଷୟ କ୍ଷତି ମିଳି ନଥିବା ଚାଷୀ ପ୍ରକାଶ କରିଛନ୍ତି। ଏଥି ପ୍ରତି ଜିଲ୍ଲା ପ୍ରସାଶନ ହଉ ରାଜ୍ୟ ସରକାର ଙ୍କ ପ୍ରତି ଦୃଷ୍ଟି ଦେଲେ ଚାଷୀ କୂଳ ଉପ କୃତ ହୋଇ ପାରିବେ ବୋଲି ପ୍ରକାଶ କରିଛନ୍ତି।

ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବଙ୍କ ଗଜପତି ଜିଲ୍ଲାର ବାତ୍ୟା ଆଶ୍ରୟସ୍ଥଳୀ ଅନୁଧ୍ୟାନ ସହ ମହିଳା ଉଦ୍ୟୋଗର ସମୀକ୍ଷା



ପାରଳାଖେମୁଣ୍ଡି, (ମହାଭାରତ): ଆଜି ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ବାଲ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ, ନିଃଶୁଳ୍କ ଖାଦ୍ୟ ବଣ୍ଟନ କେନ୍ଦ୍ର ସମେତ ଗୋଷାଣୀ ଓ କାଶୀନଗର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସ୍ୱୟଂ ସହାୟକ ଗୋ



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ରକ୍ତର ସମ୍ପର୍କ ଗଢ଼ିଲେ ବିଜୟ ଓ ଜ୍ଞାନ, ଅସହାୟଙ୍କ ଜୀବନରେ ଭରିଲେ ନୂଆ ଆଶା”

ରାଇଘର:(ମହାଭାରତ) ରକ୍ତର କୌଣସି ଜାତି, ଧର୍ମ କିମ୍ବା ସୀମା ନାହିଁ। ଜଣେ ଅସହାୟ ରୋଗୀଙ୍କ ଜୀବନ ବଞ୍ଚାଇବାଠାରୁ ବଡ଼ ମାନବିକତା ଆଉ କିଛି ନାହିଁ। ଏହି ମହତ୍ ଉଦାହରଣ ସୃଷ୍ଟି କରିଛନ୍ତି ରାଇଘର ବ୍ଲକ ଗଣ୍ଡୱାନା ଛାତ୍ର ସଂଘର ସଦସ୍ୟମାନେ।ଗତ ବୁଧବାର ଦିନ ଛାତ୍ର ସଂଘର ପୂର୍ବତନ ସଭାପତି ବିଜୟ କୁମାର ଗଣ୍ଡ ଜଣେ ଅସହାୟ ଜଣ୍ଡିସ୍ ରୋଗୀଙ୍କୁ ରକ୍ତଦାନ କରି ମାନବିକତାର ପରିଚୟ ଦେଇଥିବା ବେଳେ ଆଜି ଛାତ୍ର ସଂଘର ଅନ୍ୟତମ ସଦସ୍ୟ ଜ୍ଞାନ ପ୍ରକାଶ ଗଣ୍ଡ ମଧ୍ୟ ଆଗକୁ ଆସି ଲବ ଗଣ୍ଡଙ୍କ ମାଧ୍ୟମରେ ରକ୍ତଦାନ କରି ଜଣେ ଅସହାୟ ରୋଗୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ସେମାନଙ୍କ ଏହି ମହତ୍ କାର୍ଯ୍ୟ କେବଳ ରକ୍ତଦାନ ନୁହେଁ, ବରଂ ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ଏକ ନିଆରା ଉଦାହରଣ। ଯେଉଁଠି ଜଣେ ଅସହାୟ ମଣିଷ ଜୀବନ ପାଇଁ ସଂଘର୍ଷ କରୁଛି, ସେଠାରେ ରକ୍ତଦାତାଙ୍କ ଏହି ସହଯୋଗ ନୂଆ ଆଶାର ଆଲୋକ ହୋଇ ଦେଖାଦେଇଛି।ସମାଜରେ ଏଭଳି ଯୁବପିଢ଼ିଙ୍କ ନିଃସ୍ୱାର୍ଥପର ସେବା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ। କାରଣ, ରକ୍ତଦାନ ମହାପୁଣ୍ୟ ଆପଣଙ୍କ ଦିଆ ରକ୍ତର କିଛି ବୁନ୍ଦା କାହାର ଘରେ ପୁଣି ଖୁସି ଫେରାଇ ଆଣିପାରେ।

ବାତ୍ୟା ଆଘାତରେ ଚାଷୀଙ୍କ ସ୍ୱପ୍ନ ଚୁରମାର !

କ୍ଷେତରେ ପାଚିଲା ଧାନ, ଜମିରେ ପଡ଼ିଛି ମକା

ରାଇଘର:(ମହାଭାରତ) ଗୋଟିଏ ପଟେ ଋଣର ବୋଝ, ଅନ୍ୟପଟେ ପ୍ରକୃତିର ଦାଉ। ବର୍ଷସାରା ଝାଳବୁହା ପରିଶ୍ରମ କରି ଯେଉଁ ଫସଲରୁ ଦୁଇ ପଇସା ରୋଜଗାର କରି ପରିବାର ଚଳାଇବାର ସ୍ୱପ୍ନ ଦେଖିଥିଲେ ଚାଷୀ, ଏବେ ସେହି ସ୍ୱପ୍ନ ଉପରେ ମାଡ଼ି ଆସିଛି ବାତ୍ୟା ‘ଅକଓନ’ର ବିପଦ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ମଧ୍ୟ ବାତ୍ୟାର ପ୍ରଭାବ ଦେଖାଦେବା ପରେ ଚାଷୀଙ୍କ ମନରେ ଛନକା ପଶିଛି ।ବର୍ତ୍ତମାନ କ୍ଷେତରେ ପାଚିଲା ଧାନ କାଟି ରଖିଥିବା ବେଳେ ଅନେକ ଚାଷୀଙ୍କ ମକା ମଧ୍ୟ ଜମିରୁ ଅମଳ ହୋଇପାରିନାହିଁ। ଏଭଳି ସମୟରେ ବାତ୍ୟାର ପ୍ରଭାବ ଚାଷୀଙ୍କ ମୁଣ୍ଡ ଉପରେ ଚଡ଼କ ପକାଇଛି। ଆଉ କିଛି ଦିନ ପରେ ଧାନମଣ୍ଡି ଖୋଲିବାକୁ ଥିବାରୁ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି ।ବାତ୍ୟା ବର୍ଷାରେ ଧାନ ଭିଜି ରଙ୍ଗ ବଦଳିଗଲେ ବା ଡିସକଲର ହେଲେ ମଣ୍ଡିରେ ଧାନର ମାନକୁ ନେଇ କମ୍ ମୂଲ୍ୟ ମିଳିବାର ଆଶଙ୍କା ଚାଷୀଙ୍କୁ ଘାରିଛି। ଧାରକରଜ କରି ବିହନ, ସାର ଓ ଚାଷ କାମରେ ଖର୍ଚ୍ଚ କରିଥିବା ଟଙ୍କା କିପରି ଶୁଝିବେ, ସେହି ଚିନ୍ତାରେ ଦିନ କାଟୁଛନ୍ତି ଚାଷୀ। ବର୍ଷକର ପରିଶ୍ରମ, ପରିବାରର ଆଶା ଓ ଋଣ ଶୁଝିବାର ସ୍ୱପ୍ନ ସବୁକିଛି ଏହି ଅମଳ ଉପରେ ନଭର କରେ। କିନ୍ତୁ ଗୋଟିଏ ପରେ ଗୋଟିଏ ବାତ୍ୟା ଚାଷୀଙ୍କ ମୁଣ୍ଡରେ ଦୁଃଖର ପାହାଡ଼ ଲଦି ଦେଉଛି। ପ୍ରକୃତିର ଏହି ଦାଉ ଆଗରେ ଅସହାୟ ହୋଇପଡ଼ିଛି ଅନ୍ନଦାତା।ଏଭଳି ସ୍ଥିତିରେ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବା ସହ ଅମଳ ହୋଇଥିବା ଫସଲର ସୁରକ୍ଷା, ଧାନର ଗୁଣବତ୍ତା ଯାଞ୍ଚରେ ଚାଷୀଙ୍କ ପ୍ରତି ଉଚିତ୍ ନ୍ୟାୟ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ଉଠିଛି ।ପ୍ରଶ୍ନ ଏତିକି ଚାଷୀର ଝାଳବୁହା ପରିଶ୍ରମର ମୂଲ୍ୟ କ’ଣ ପ୍ରତିବର୍ଷ ବାତ୍ୟା ଓ ବର୍ଷା ଧୋଇ ନେବ। ଅନ୍ନଦାତାଙ୍କ ଦୁଃଖ ଶୁଣିବ କି ପ୍ରଶାସନ।



ପାଣ୍ଡେରପଡ଼ା ସରପଞ୍ଚଙ୍କ ମହାନତା: ବାତ୍ୟା ପ୍ରଭାବିତ ଲୋକଙ୍କୁ ଯୋଗାଇଲେ ସେବା



ଓଡ଼ଗାଁ,(ମହାଭାରତ)ବାତ୍ୟା ‘ଅକଭାନ୍’ ପ୍ରଭାବିତ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପାଣ୍ଡେରିପଡ଼ା ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସେବା ଯୋଗାଇ ପ୍ରଶଂସା ସାଉଁଟିଛନ୍ତି ।ସ୍ଥାନୀୟ ଜନଶକ୍ତି ବିଦ୍ୟାପୀଠ ଦେଓଗାଁ ଭାଲିଆଡିହିରେ ଆଶ୍ରୟ ନେଇଥିବା ୭୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଶୁଖିଲା ଖାଦ୍ୟ ସହିତ ରନ୍ଧାଖାଦ୍ୟ ବଣ୍ଟନ କରିଛନ୍ତି ।ସରପଞ୍ଚ ଗାୟତ୍ରୀ ରାଉତ ଏବଂ ସମାଜସେବୀ ସଂଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଯୁବକମାନେ ଘରଘର ବୁଲି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ସ୍କୁଲରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି ।ଏହି ବଣ୍ଟନ କାର୍ଯ୍ୟରେ ସରପଞ୍ଚ ଶ୍ରୀମତୀ ରାଉତ,ସମାଜସେବୀ ଶ୍ରୀଜେନାଙ୍କ ସମେତ ସ୍ଥାନୀୟ ଯୁବ ଗୋଷ୍ଠୀ ସହଯୋଗ କରିଥିବା ଜଣାପଡ଼ିଛି ।ଏଭଳି ମହତ୍ କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

ପାରାଦ୍ୱୀପ ଲକ୍ ଥାନା ଡ୍ରାଇଭରଙ୍କୁ ଥାନା ଅଧିକାରୀ ଓ ଡିଏସପିଙ୍କ ସମ୍ବର୍ଦ୍ଧନା



ପା।ର।ଦୀପ(ମହା।ଭା।ରତ) ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ୍ ଥାନା ପରିସରରେ ଏକ ନୂଆ ଘଟଣା ଦେଖିବାକୁ ମିଳିଛି । ପୋଲିସ୍ କୁ ସହାୟତା କରୁଥିବା ପୋଲିସ୍ ଗାଡିର ଡ୍ରାଇଭରମାନଙ୍କୁ ଥାନା ପରିସରରେ ସମ୍ବର୍ଦ୍ଧନା ଦେଇ ପୋଲିସ ଏକ ନୂଆ ପରମ୍ପରା ଆରମ୍ଭ କରିଛି । ସହରରେ ଯେତେବେଳେ କୌଣସି ଅଘଟଣ ଘଟେ କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ, ସବୁଠାରୁ ଆଗେ ମନେପଡ଼େ ପୋଲିସର କଥା। କିନ୍ତୁ ଏକ ଜରୁରୀ ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ସୁରକ୍ଷିତ ଓ ଶୀଘ୍ର ପହଞ୍ଚିବା ପଛରେ ଯେଉଁ ହାତଗୁଡ଼ିକ ନିରନ୍ତର କାମ କରନ୍ତି, ସେମାନେ ହେଉଛନ୍ତି ପୋଲିସ ଗାଡ଼ିର ଡ୍ରାଇଭର। ପୋଲିସ ବିଭାଗରେ କୌଣସି ସଫଳ ଅପରେସନ କିମ୍ବା ଭଲ କାର୍ଯ୍ୟ ପାଇଁ ଅଧିକାରୀ ଓ କର୍ମଚାରୀମାନେ ପ୍ରଶଂସା ଓ ପୁରସ୍କାର ପାଇଥାନ୍ତି । ମାତ୍ର ରାତିଅଧିଆ ହେଉ କି ପ୍ରବଳ ବର୍ଷା, ସବୁ ପରିସ୍ଥିତିରେ ଷ୍ଟିଅରିଂ ଧରି ବସିଥିବା ଏହି ଡ୍ରାଇଭରମାନଙ୍କ ପରିଶ୍ରମ ପ୍ରାୟତଃ ଲୋକଲୋଚନର ଆଢୁଆଳରେ ରହିଯାଏ। ଏହି ଅଦୃଶ୍ୟ ଯୋଦ୍ଧାମାନଙ୍କୁ ଉଚିତ୍ ସମ୍ମାନ ଦେବା ପାଇଁ ଆଜି ପାରାଦ୍ୱୀପ ଲକ୍ ଥାନା ପରିସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଏବଂ ଡିଏସପି ମିଳିତ ଭାବେ ଲକ୍ ଥାନାରେ କାର୍ଯ୍ୟରତ ସମସ୍ତ ଡ୍ରାଇଭରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।ଏହି ସମ୍ବର୍ଦ୍ଧନା ଡ୍ରାଇଭରମାନଙ୍କ ମନୋବଳକୁ ଅନେକ ଗୁଣ ବଢ଼ାଇ ଦେଇଛି। ନିଜ କାମକୁ ସ୍ୱୀକୃତି ମିଳିଥିବାରୁ ଡ୍ରାଇଭରମାନେ ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଆହୁରି ନିଷ୍ଠାର ସହ ଦାୟିତ୍ୱ ତୁଲାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପାରାଦ୍ୱୀପ ଲକ୍ ଥାନାର ଏହି ପଦକ୍ଷେପ ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିବ।

ବାତ୍ୟା ମୁକାବିଲା ରେ ସାଂସଦ ଙ୍କ ପ୍ରତିନିଧି ଚର୍ଚ୍ଚାରେ



ଅଷ୍ଟରଙ୍ଗ(ମହାଭାରତ) :ଚଳିତ ବାତ୍ୟା ଅକଓ୍ୱାନ କୁ ନେଇ ବିପଦ ଟଳିଛି, ସାମୁଦ୍ରିକ ଝଡ଼ ଅକ୍ୱାନ ଏଭଳି ଭୀଷଣ ବାତ୍ୟା ର ରୂପ ନେଇଥିଲା ତାହା କେଉଁଠି ସ୍ଥଳଭାଗ ଛୁଇଁବ ତାହା ସ୍ପଷ୍ଟ ହେଉନଥିଲା ମାତ୍ର ୩ ଦିନ ଆଗରୁ ପାଣିପାଗ ବିଭାଗ ଏହି ବାତ୍ୟା କୁ ନେଇ ସ୍ପଷ୍ଟ କରିଥିଲା ଏହା ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବ ଯାହାକୁ ନେଇ ରାଜ୍ୟ ସରକାର ଆରମ୍ଭ କରିଥିଲେ ଜିରୋ କାଜୁଆଲିଟି ଅପରେସନ, ଏଥିପାଇ ବରଷ୍ଠ ଆଇଏଏସ ଅରବିନ୍ଦ ଅଗ୍ରୱାଲ ଙ୍କୁ ଦାୟିତ୍ୱ ଦିଆଯାଇଥିଲା ପୁରୀ ଜିଲ୍ଲା ଦାୟିତ୍ୱ,ପୁରୀ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ରେ ଅଷ୍ଟରଙ୍ଗ କାକଟପୁର ବ୍ଲକ ପ୍ରଶାସନ କୁ ଦିଆଯାଇଥିଲା କଡା ନିର୍ଦ୍ଦେଶ, ଏହାକୁ ଦୃଷ୍ଟି ରେ ରଖି ଦୁଇ ଦିନ ହେବ ଅଷ୍ଟରଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର, ଥାନା କତୃପକ୍ଷ, ଜଙ୍ଗଲ ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟବିଭାଗ ଓ ଅନ୍ୟ କର୍ମଚାରୀ ମାନେ ଆରମ୍ଭ କରିଥିଲେ ବାତ୍ୟା ପାଇଁ ପ୍ରସ୍ତୁତି, କିନ୍ତୁ ଏହି ପ୍ରସ୍ତୁତି ରେ ନିଜକୁ ସାମିଲ କରିଥିଲେ ଜଗତସିଂହପୁର ସାଂସଦ ଙ୍କ ଅଷ୍ଟରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ସମସ୍ତ ପ୍ରଶାସନିକ ଅଧିକାରୀ ଙ୍କ ସହ ନିଜକୁ ସାମିଲ କରି ଶିଶୁଅ ପଞ୍ଚାୟତ ଯାହା ପୁରୀ ଜିଲ୍ଲା ର ଅତ୍ୟନ୍ତ ସମ୍ବେଦନଶିଳ ବାତ୍ୟା ପ୍ରପାଡ଼ିତ ସ୍ଥାନ କେଉଟଜଙ୍ଗା, ଡ଼ାଳୁଆକଣି, ନଟରା, ଛେନ୍ଦୁ, ତଣ୍ଡାହାର, ନଟରା ପ୍ରଭୁତି ସ୍ଥାନ କୁ ଯାଇ ଅଧିକାରୀ ମାନଙ୍କ ସହ ସେଠି ଥିବା ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିବା ସହ ଲୋକ ମାନଙ୍କୁ କିପରି ସେଠି ରଖାଯିବ ପ୍ରତ୍ୟେକ ବନ୍ଦୋବସ୍ତ ରେ ନିଜକୁ ସାମିଲ କରିଥିଲେ, ଏହା ସହ ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, କିପରି ଲୋକ ମାନଙ୍କ ନିକଟରେ ରନ୍ଧା ଖାଦ୍ୟ ପହଞ୍ଚିବ, ଶୁଖିଲା ଖାଦ୍ୟ ବଣ୍ଟନ ପର୍ଯ୍ୟନ୍ତ ପ୍ରତ୍ୟେକ ପରିସ୍ଥିତି ରେ ବିଭାଗୀୟ ଅଧିକାରୀ ଙ୍କ ସମେତ ପଞ୍ଚାୟତ ଅଧିକାରୀ ମାନଙ୍କ ସହ ସକାଳୁ ରାତ୍ର ପାହିବା ପର୍ଯ୍ୟନ୍ତ ଆଲୋଚନା ଜାରୀ ରଖିଥିଲେ, କୌଣସି କାରଣ ରୁ ଯଦି କେଉଁ ସ୍ଥାନରେ ତ୍ରୁଟି ପରିଲକ୍ଷିତ ହେଉଥିଲା ସେଠି ସଙ୍ଗେ ସଙ୍ଗେ ପହଞ୍ଚିବା ସହ ସେଠି ତୁରିତ ସମାଧାନ ପାଇଁ ଚେଷ୍ଟା କରିଥିଲେ, ରାଜନୈତିକ ଦୃଷ୍ଟି କୋଣ ରୁ ଅନେକ ସମାଲୋଚନା ର ଶିକାର ହେଇଥିଲେ ବି ଭୃକ୍ଷେପ ନକରି ଲୋକ ସେବା କୁ ଗୁରୁତ୍ୱ ଦେଇଥିଲେ ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟ ରେ, ଏହା ସହ ପୁରୀ ଜିଲ୍ଲା ପାଇଁ ଆସିଥିବା ବରିଷ୍ଠ ଆଇଏଏସ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଙ୍କୁ ସାକ୍ଷାତ କରିଥିଲେ, ଏହିଭଳି ପରିସ୍ଥିତି ରେ ସାଂସଦ ଙ୍କ ପ୍ରତିନିଧି ଙ୍କ ଉପସ୍ଥିତ କୁ ନେଇ ବିଭିନ୍ନ ବୁଦ୍ଧିଜୀବୀ ମହଲ ରେ ତାଙ୍କୁ ପ୍ରଶଂସା କରାଯାଇଛି ।

ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ଲୋକଙ୍କ ସୁଖ ଦୁଃଖ ବୁଝିଲେ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା



ନିଆଳୀ (ମହାଭାରତ) ବାତ୍ୟା ‘ଆକଓ୍ୱାନ’ର ଲ୍ୟାଣ୍ଡଫଲ ଓ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା । ନିଆଳୀ ବିଧାୟକ ଛବି ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ନିଆଳୀ ବ୍ଲକ ଅନ୍ତର୍ଗତ ନୀଳମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଆଶ୍ରୟ ନେଇଥିବା ବାତ୍ୟା ପ୍ରଭାବିତ ଲୋକମାନଙ୍କୁ ଭେଟିବା ସହିତ ସୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ପରେ ପରେ ନିଆଳୀ ବ୍ଲକ ଅନ୍ତର୍ଗତ ଏକବେରୁଆଁ ଏବଂ ପୋଖରାଗାଁ ପଞ୍ଚାୟତର ରାଣୀପଡ଼ା ସ୍ଥିତ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିବା ଦେଖିବାକୁ ମିଳିଛି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପଣ୍ଡା କହିଛନ୍ତି ଯେ ବାତ୍ୟା ‘ଆକଓ୍ୱାନ’ ଓଡ଼ିଶାରେ ପ୍ରବେଶ କରି ଲ୍ୟାଣ୍ଡଫଲ କରିବା ପରେ ଲୋକମାନଙ୍କ ଧନଜୀବନ ସୁରକ୍ଷା ପାଇଁ ରାଜ୍ୟ ସରକାର ଦିନରାତି ପରିଶ୍ରମ କରିଛନ୍ତି । କଟକ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବ୍ଲକର ଅଧିକାରୀମାନେ ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ଲୋକମାନଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳକୁ ଆସିବା ପାଇଁ ସଚେତନ କରାଇଥିଲେ । ?ରାଣୀପଡ଼ା ସ୍କୁଲ ଆଶ୍ରୟସ୍ଥଳରେ ରହିଥିବା ଲୋକମାନଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କ ସହ କିଛି ସମୟ ବିତାଇଥିଲେ । ଆଶ୍ରୟସ୍ଥଳରେ ଥିବା ଲୋକଙ୍କ ସୂଚନା ଅନୁଯାୟୀ, ଗତକାଲିଠାରୁ ସେଠାରେ ଆଶ୍ରୟ ନେଇଥିବା ବ୍ୟକ୍ତିମାନଙ୍କୁ ପ୍ରଶାସନ ତରଫରୁ ଚୂଡ଼ା ଓ ଗୁଡ଼ ପ୍ରଦାନ କରାଯାଇଥିଲା ଏବଂ ଆଜି ମଧ୍ୟ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ନିଆଳୀ ଅଞ୍ଚଳରେ ବାତ୍ୟାର ବିଶେଷ ପ୍ରଭାବ ପଡ଼ି ନଥିଲେ ମଧ୍ୟ କେତେକ ଚାଷ ଜମିରେ ପାଣି ଜମି ରହିବା ସହ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି ।

ଆଉ ପାଦେ ଆଗେଇଲା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ

ଟି-୧ ଓ ଟି-୨ ଟନେଲ୍ ଦେଇ ବୁଗୁଡ଼ା ଷ୍ଟେସନରେ ପହଞ୍ଚିଲା ରେଳ ୱାଗନ୍

ଦଶପଲ୍ଲା, (ମହାଭାରତ): ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଆଉ ପାଦେ ଆଗେଇଛି । ଗୁରୁବାର ଅପରାହ୍ନରେ ଦଶପଲ୍ଲା ଷ୍ଟେସନରୁ ପ୍ରାୟ ୧୬ କିଲୋମିଟର ପଥ ଅତିକ୍ରମ କରି ରେଳ ଧାରଣା ବୋଝେଇ ଏକ ୱାଗନ୍ ଟି-୧ ଏବଂ ଟି-୨ ଟନେଲ୍ ଦେଇ ବୁଗୁଡ଼ା ଷ୍ଟେସନରେ ପହଞ୍ଚିଛି । ଏହାକୁ ନେଇ ସମଗ୍ର ଦଶପଲ୍ଲା ଓ ବୁଗୁଡ଼ା ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି । ଗୁରୁବାର ଅପରାହ୍ନରେ ରେଳ ୱାଗନ୍ ପହଞ୍ଚିବା ଖବର ପାଇ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଉତ୍ସାହର ସହ ବୁଗୁଡ଼ା ରେଳ ଷ୍ଟେସନ ନିକଟରେ ରୁଣ୍ଡ ହୋଇଥିଲେ । ଟନେଲ୍ ମଧ୍ୟ ଦେଇ ରେଳ ୱାଗନ୍ ସଫଳତାର ସହ ଗଡ଼ିବା ପରେ ଏବେ ଅଞ୍ଚଳରେ ଖୁବ୍ ଶୀଘ୍ର ଯାତ୍ରୀବାହୀ ରେଳ ଚଳାଚଳ ଆରମ୍ଭ ହେବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଦୃଢ଼ ଆଶା ସଂଚାର ହୋଇଛି । ଏହି ଅବସରରେ ସ୍ଥାନୀୟ ସମାଜସେବୀ ପ୍ରଦୀପ କୁମାର ସାହୁ ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ‘ଆମେ ପିଲାଟି ଦିନରୁ ଆମ ଅଞ୍ଚଳକୁ ରେଳ ଆସିବ ବୋଲି ଶୁଣି ଆସୁଥିଲୁ। ଆଜି ୱାଗନ୍ ପହଞ୍ଚିବା ଦେଖିବା ପରେ ଖୁବ୍ ଶୀଘ୍ର ଏହି ଷ୍ଟେସନ ଉଦ୍ ?ଘାଟିତ ହୋଇ ନିୟମିତ ରେଳ ଚଳାଚଳ ଆରମ୍ଭ ହେବ ବୋଲି ଆଶା କରୁଛୁ।’ ରେଳ ଚଳାଚଳ ସ୍ୱାଭାବିକ ହେଲେ ଅଞ୍ଚଳର ବ୍ୟବସାୟିକ ଅଭିବୃଦ୍ଧି ଘଟିବା ସହ ସାଧାରଣ ଲୋକେ କମ୍ ଖର୍ଚ୍ଚରେ ସହରାଞ୍ଚଳ ସହ ସହଜରେ ଯୋଡ଼ିହୋଇପାରିବେ ବୋଲିସେ ମତବ୍ୟକ୍ତ କରିଛନ୍ତି।

ବିଦ୍ୟୁତ ଆଘାତରେ ୪ ଗୋରୁ ମୃତ

ଆଳି,(ମହାଭାରତ): ଆଳି ଥାନା ଅନ୍ତର୍ଗତ ସିଙ୍ଗିରି ବଜାରର ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟତ ଖୁଣ୍ଟ ଚାର୍ଜ ହୋଇଯାଇ ୪ ଟି ଗାଈର ମୃତ୍ୟୁ ଘଟିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଦିନ ପ୍ରାୟ ୩ ଟା ସମୟରେ ସିଙ୍ଗିରି ବଜାର ପାର୍ଶ୍ୱରେ ଥିବା ବିଲରେ କିଛି ଗୋରୁ ଚରି ସାରି ରାସ୍ତା ଉପରକୁ ଆସୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ ଖୁଣ୍ଟ ନିକଟରେ ପହଞ୍ଚିବା ମାତ୍ରେ ଗୋଟିଏ ପରେ ଗୋଟିଏ ଗୋରୁ ଚଳି ପଡ଼ିଥିଲେ । ସ୍ଥାନୀୟ ଲୋକ ଏହା ଦେଖି ସଙ୍ଗେସଙ୍ଗେ ବିଦ୍ୟୁତ ବିଭାଗକୁ ଜଣାଇବା ପରେ ବିଦ୍ୟୁତ କାଟ ହୋଇଥିଲାକ୍ଷ ବିଦ୍ୟୁତ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଚାରିଟି ଗୋରୁର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଘଟଣା ସ୍ଥଳରେ ଗୋସେବକ ଅଶ୍ୱିନୀ ସାହୁ, (ପପୁ)ତାପସ କୁମାର ଜେନା, ସୁନୀଲ ବିଶ୍ୱାଳ,(ପୁପୁଲୁ) ବିଶ୍ୱଜିତ ନାୟକ, ସୁଶାନ୍ତ ସାହୁ ,ମନୋରଞ୍ଜନ ଲେଙ୍କା ରୋହିତ ମଲିକ, ସୁବ୍ରତ ନାୟକ,(ବନ୍ତି) ପ୍ରମୁଖ ପହଞ୍ଚି ମୃତ ଗୋରୁଙ୍କର ଶେଷକୃତ୍ୟ ସମ୍ପନ୍ନ କରିଥିଲେ ।

ନାବାଳକ ସୁନା ଲୁଟେରାକୁ କାବୁ କରି ପୁଲିସରେ ଜିମା ଦେଲେ

ବାଲିଅନ୍ତା : ଭୁବନେଶ୍ୱର ଉପକଣ୍ଠ ବାକକାଟି ଫାଣ୍ଡି ଅଧୀନ ଶିଶିଲୋ ବଜାରରେ ରବିନାଥ ସାଠୁଆଙ୍କ ଗହଣା ଦୋକାନ ପଛପଟ କାନ୍ଥ ଡାଡୁଥିବା ସମୟରେ ଶିଶିଲୋ ବ୍ୟବସାୟୀ କମିଟି ଜଣେ ଲୁଟେରାକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ବାଲିଅନ୍ତା ଥାନା ପୁଲିସ ୧୬ ବର୍ଷୀୟ ଏହି ନାବାଳକକୁ ଥାନାରେ ଅଟକ ରଖି ସମ୍ପୃକ୍ତ ଅନ୍ୟ ୨ ଯୁବକକୁ ଧରିବା ପାଇଁ ଚେଷ୍ଟା କରୁଛି। ତେବେ ଘଟଣାସ୍ଥଳରୁ ଅନ୍ୟ ୨ ଦୁର୍ବୃତ୍ତ ଧାନ ବିଲରେ ପଶି ଦୌଡି ପଳାଇଥିଲେ। ବ୍ୟବସାୟୀ କମିଟି ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ସୁନା ଦୋକାନ ଲୁଟ ଉଦ୍ୟମ ବିଫଳ ହୋଇଯାଇଥିଲା। ରବିନାଥ ସାଠୁଆ ଏନେଇ ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ବାଲିଅନ୍ତା ଥାନା ପୁ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



କାବେରୀ ଜଳ ବିବାଦ

ତାମିଲନାଡୁ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

୧୧ ଟିଏମ୍‌ସି ଜଳ ଦାବିକୁ ଖାରଜ



ନୂଆଦିଲ୍ଲୀ,୨୦।୧୧: ସୁପ୍ରିମକୋର୍ଟ କାବେରୀ ଜଳ ବିବାଦ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଳ ଅଭାବ ପୂରଣ କରିବା ପାଇଁ କର୍ଣ୍ଣାଟକକୁ ୧୧ ଟିଏମସି କାବେରୀ ଜଳ ଛାଡିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁର ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଚାଷୀ ଓ ଫସଲ ଉପରେ ଜଳ ଅଭାବର ପ୍ରଭାବ ଦର୍ଶାଇ ତାମିଲନାଡୁ ଅତିରିକ୍ତ ପାଣି ପାଇଁ ଅନୁରୋଧ କରିଥିଲା। କଥିତ ଜଳ ଅଭାବକୁ ଦୂର କରିବା ପାଇଁ କାବେରୀ ନଦୀର ୧୧ ଟିଏମସି ଜଳ ଛାଡିବା ପାଇଁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ବିଚାରପତି ବିକ୍ରମ ନାଥ ଓ ଅପରେଶ ସିଂହଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। କାବେରୀ ନଦୀରେ ପ୍ରାୟ ୧୧ ଟିଏମସି ଜଳ ଛାଡିବା ପାଇଁ କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେବା ପାଇଁ ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଆବେଦନ ଉପରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ୩୦ ସମୟରେ ଖୋଲା ଅଦାଲତରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ସୁପ୍ରିମକୋର୍ଟର ଖଣ୍ଡପୀଠ କହିଛନ୍ତି, ଦୁଇଟି ଆବେଦନ ଥିଲା। ଆବେଦନ ୨୮୪୩ରେ ଆମେ ଖାରଜ କରିଛୁ ଓ ଆବେଦନ ୪୬୨୯୧ ମଧ୍ୟ ଖାରଜ କରାଯାଇଛି। ଆଜି ମଧ୍ୟ ଆମେ ଦାଖଲ ହୋଇଥିବା ତୃତୀୟ ଆବେଦନକୁ ଖାରଜ କରିବୁ। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଯୁକ୍ତି ଦେଇଥିଲେ ଯେ, ଚଳିତ ବର୍ଷ ପର୍ଯ୍ୟାପ୍ତ ବର୍ଷା ନହେବାରୁ ଏକ ଦୁଃଖଦ ବର୍ଷ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କର୍ଣ୍ଣାଟକ କାବେରୀ ନଦୀରୁ ପାଣି ଛାଡ଼ି ନଥିବାରୁ ଫସଲ ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ, କର୍ଣ୍ଣାଟକ ପକ୍ଷରୁ ଓକିଲ ଶ୍ୟାମ ଦିବାନ କହିଥିଲେ ଯେ, ଏହା ଏକ ମରୁଡ଼ି ବର୍ଷ, ରାଜ୍ୟର ଅନେକ ଜିଲ୍ଲା ମରୁଡ଼ି କବଳରେ ଅଛି; ଫଳସ୍ୱରୂପ, ଜଳସେଚନ ପାଇଁ ପାଣି ଆବଣ୍ଟନ ହ୍ରାସ କରାଯାଇଛି। ସେ ଯୁକ୍ତି ଦେଇଥିଲେ ଯେ, ଆଗାମୀ ଉତ୍ତର-ପୂର୍ବ ମୌସୁମୀ ବାୟୁରୁ ତାମିଲନାଡୁ ଲାଭବାନ ହେବାରେ ଲାଗିଛି, କିନ୍ତୁ କର୍ଣ୍ଣାଟକ ଏଥିରୁ କୌଣସି ଲାଭ ପାଇବ ନାହିଁ। ଜଷ୍ଟିସ୍ ନାଥ ରାୟ ଶୁଣାଇବା ସମୟରେ, ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଆପଣ ଆଜି ଆଉ ଏକ ଆବେଦନ ଦାଖଲ କରିଛନ୍ତି ତାମିଲନାଡୁ ରାଜ୍ୟ ପାଖରେ ପ୍ରଚୁର ପାଣି ଅଛି। ତୃତୀୟ ଆବେଦନକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଆବେଦନରେ ତାମିଲନାଡୁ ସରକାର ଅଭିଯୋଗ କରିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରି କର୍ଣ୍ଣାଟକ ଚଳିତ ବର୍ଷ ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାରେ ବିଫଳ ହୋଇଛି।

ଦୁଇ ଦିନିଆ ଭାରତ ଗସ୍ତରେ ଆସିବେ ନେପାଳ ପ୍ରଧାନମନ୍ତ୍ରୀ

ଭାରତ-ନେପାଳ ସମ୍ପର୍କକୁ ମିଳିବ ନୂଆ ଦିଗ !



ନୂଆଦିଲ୍ଲୀ,୨୦।୧୧: ଦୁଇ ଦିନିଆ ଭାରତ ଗସ୍ତରେ ଆସିବେ ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକ୍ରମେ ସେ ନଭେମ୍ବର ୨୨ ଓ ୨୩ ତାରିଖରେ ଭାରତ ଆସିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଆନୁଷ୍ଠାନିକ ସୂଚନା ଦିଆଯାଇଛି। ମାର୍ଚ୍ଚ ମାସରେ ନେପାଳର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବାଲେନ୍ଦ୍ର ଶାହଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ। ଏହି ଗସ୍ତ ଅବସରରେ ସୋମବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବାଲେନ୍ଦ୍ର ଶାହଙ୍କର ବ୍ୟାପକ ଆଲୋଚନା ହେବ। ଏଥିରେ ଭାରତ ଓ ନେପାଳ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରାଯିବା ସହ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତ ବିନିମୟ ହେବ।ବୈଦେଶିକ ମନ୍ତ୍ରଣାଳୟ ଅନୁସାରେ, ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଦାନପ୍ରଦାନର ପରମ୍ପରାକୁ ଆହୁରି ଆଗକୁ ବଢ଼ାଇବ। ଏହା ସହ ଭାରତର 'ପଡ଼ୋଶୀ ପ୍ରଥମ' ନୀତିରେ ନେପାଳକୁ ଦିଆଯାଉଥିବା ଗୁରୁତ୍ୱ ମଧ୍ୟ ପ୍ରତିଫଳିତ ହେବ। ଏହି ଗସ୍ତ ଦ୍ୱାରା ଦୁଇ ଦେଶର ସହଭାଗିତା ଆହୁରି ସୁଦୃଢ଼ ହେବା ସହ ପାରସ୍ପରିକ ଲାଭଦାୟକ ସହଯୋଗର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ଭାରତ ଓ ନେପାଳ ମଧ୍ୟରେ ଦୀର୍ଘଦିନର ଐତିହାସିକ, ସାଂସ୍କୃତିକ ଓ ସଭ୍ୟତାଗତ ସମ୍ପର୍କ ରହିଛି। ଦୁଇ ଦେଶର ଲୋକଙ୍କ ମଧ୍ୟରେ ମଧ୍ୟ ରହିଛି ଦୃଢ଼ ଆତ୍ମୀୟତା। ଏହି ସମ୍ପର୍କକୁ 'ରୋଟି-ବେଟି' ସମ୍ପର୍କ ଭାବେ ଅଭିହିତ କରାଯାଏ। ବାଣିଜ୍ୟ, ବିକାଶମୂଳକ ସହଯୋଗ, ଶକ୍ତି, ଜଳସମ୍ପଦ, ଭୌତିକ ଓ ଡିଜିଟାଲ୍ ଯୋଗାଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶର ସହଯୋଗ କ୍ରମାଗତ ଭାବେ ବୃଦ୍ଧି ପାଉଛି। ବାଲେନ୍ଦ୍ର ଶାହଙ୍କ ଏହି ଗସ୍ତ ଦୁଇ ଦେଶର ସମ୍ପର୍କକୁ ନୂଆ ଦିଗ ଦେବା ସହ ଭବିଷ୍ୟତର ସହଯୋଗକୁ ଅଧିକ ମଜବୁତ କରିବାରେ ସହାୟକ ହୋଇପାରେ।

ମଣିପୁରରେ ସୁରକ୍ଷା ବାହିନୀର ବଡ଼ କାର୍ଯ୍ୟାନୁଷ୍ଠାନ

ଏନକାଉଣ୍ଟରରେ ଜଣେ ନିହତ

ଭ ଜଣେ ମହିଳାଙ୍କ ସମେତ ୮ ସନ୍ଦିଗ୍ଧ ଗିରଫ

ଇମ୍ଫାଲ,୨୦।୧୧: ଶୁକ୍ରବାର ଦିନ ମଣିପୁରର ଇମ୍ଫାଲ ପଶ୍ଚିମ ଜିଲ୍ଲାରେ ସୁରକ୍ଷା ବାହିନୀ ଏବଂ ସନ୍ଦିଗ୍ଧ ଉଗ୍ରବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତି ନିହତ ହୋଇଥିଲେ ଏବଂ ଜଣେ ମହିଳା କ୍ୟାଡର ସମେତ ଆଠ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ନିଷିଦ୍ଧ କେସିପି (ପିଡବ୍ଲୁଜି)ର ଆତ୍ମଘୋଷିତ ଅଧକ୍ଷ ମଧ୍ୟ ଥିଲେ। ସୁରକ୍ଷା ବାହିନୀ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ମଧ୍ୟ ଜବତ କରିଛି। ଅଧିକାରୀଙ୍କ ଅନୁଯାୟୀ, ଇମ୍ଫାଲ୍ ପଶ୍ଚିମ ଜିଲ୍ଲାର ୟୁମଲେବାମ୍ ଆୱାଙ୍ଗ ଲେଇକାଇ ଅଞ୍ଚଳରେ ଉଗ୍ରବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ମିଳିଥିଲା। ଏହା ପରେ, ଇମ୍ଫାଲ୍ ପଶ୍ଚିମ ଜିଲ୍ଲା କମାଣ୍ଡୋ ଫୋର୍ସ, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସର କୋବ୍ରା ୟୁନିଟ୍ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଏକ ମିଳିତ ଅପରେସନ୍ ଆରମ୍ଭ କରିଥିଲେ। ଏହି ଅଞ୍ଚଳ ପାଟସୋଇ ପୋଲିସ ଷ୍ଟେସନ୍ ଅଧୀନରେ ଆସେ। ଅପରେସନ୍ ସମୟରେ, ସନ୍ଦିଗ୍ଧ ଆତଙ୍କବାଦୀମାନେ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇଥିଲେ, ପ୍ରତିଜବାବ ସ୍ୱରୂପ ସେନା ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଗୁଳି ବିନିମୟରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିଲେ। ମୃତକଙ୍କ ନାମ ୫୨ ବର୍ଷୀୟ ଖାଇଦେମ ଶ୍ୟାମକୁମାର ସିଂହ, ସେ କାକଚିଂ ଜିଲ୍ଲାର ହିଆଙ୍ଗଲାମ ଥାନା ଅଞ୍ଚଳର ୱାବାଗାଇ ୟାଙ୍ଗବି ମାନିଙ୍ଗର ବାସିନ୍ଦା ଏବଂ ଆସାମ ରାଇଫଲ୍ସର ପୂର୍ବତନ ସୈନିକ ବୋଲି ଚିହ୍ନଟ କରାଯାଇଛି। ତାଙ୍କ ମୃତଦେହକୁ ଅଧିକ ଆଇନଗତ ପ୍ରକ୍ରିୟା ପାଇଁ ଆଞ୍ଚଳିକ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଜଓଗଝ) ଶବାଗାରରେ ରଖାଯାଇଛି। ଏନକାଉଣ୍ଟର ପରେ, ସୁରକ୍ଷା ବାହିନୀ ଆଖପାଖ ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଅପରେସନ ସମୟରେ ଆଠ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୫୨ ବର୍ଷୀୟ ଲାଇଶ୍ରାମ ରଞ୍ଜିତ ଓରଫ ତମାଙ୍ଗାନବା ଓରଫ ଲୋୟା ମଧ୍ୟ ଥିଲେ। ସୁରକ୍ଷା ସୂତ୍ର ଅନୁଯାୟୀ, ସେ କେସିପି (ପିଡବ୍ଲୁଜି)ର ଆତ୍ମଘୋଷିତ ଅଧକ୍ଷ। ଗିରଫ ମହିଳା କ୍ୟାଡରଙ୍କୁ ଇମ୍ଫାଲ ପୂର୍ବ ଜିଲ୍ଲାର କୋଙ୍ଗବା ମାଖା ଉଚେକୋନର ବାସିନ୍ଦା ୪୪ ବର୍ଷୀୟା ଥୋଖୋମ ଦେବରାଣୀ ଦେବୀ ଭାବରେ ଚିହ୍ନଟ କରାଯାଇଛି।

ରାଜସ୍ଥାନ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ଦବଦବା

ମନ୍ତ୍ରୀଙ୍କ ଗଡ଼ରେ ମୂଳପୋଛ ହେଲା ବିଜେପି



ନୂଆଦିଲ୍ଲୀ,୨୦।୧୧: ରାଜସ୍ଥାନ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ଦବଦବା। ବିଜେପି ରାଜସ୍ଥାନରେ କ୍ଷମତାରେ ଥିଲେ ହେଁ ଗ୍ରାମାଞ୍ଚଳ ନିର୍ବାଚନରେ କମାଲ କରିଛି କଂଗ୍ରେସ। ରାଜସ୍ଥାନର ୪୧ଟି ଜିଲ୍ଲାରୁ ୩୭ଟି ଜିଲ୍ଲାରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ଏକତରଫା ପ୍ରଦର୍ଶନ କରିଛି। ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମାଙ୍କ ଠାରୁ ଆରମ୍ଭ କରି ଏକାଧିକ ମନ୍ତ୍ରୀ ଓ ସାଂସଦଙ୍କ ଗଡ଼ରେ ବିଜେପି ମୂଳପୋଛ ହୋଇଯାଇଛି। ଉଭୟ ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ଲଢ଼େଇରେ କଂଗ୍ରେସ ଯଥେଷ୍ଟ ଆଗରେ ରହିଛି। ୩୭ ଜିଲ୍ଲା ମଧ୍ୟରୁ ୨୫ଟି ସ୍ଥାନରେ କଂଗ୍ରେସ ଜିଲ୍ଲା ପରିଷଦ ଅଧକ୍ଷ ପଦ ହାତେଇବାକୁ ଯାଉଛି। ବିଜେପି କେବଳ ୮ଟି ଜିଲ୍ଲା ଓ ସ୍ୱାଧୀନ ଦଳଗୁଡ଼ିକ ୩ଟି ଜିଲ୍ଲାରେ ବିଜୟ ବାନା ଉଡ଼ାଇଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ଗଣତି ଶେଷ ହୋଇଥିବା ୪୧୯ଟି ପଞ୍ଚାୟତ ସମିତି ମଧ୍ୟରୁ କଂଗ୍ରେସ ୨୧୩ଟି, ବିଜେପି ୮୫ଟି ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପାଖକୁ ୫୬ଟି ଆସନ ଯାଇଛି। ବିଜେପିର ଗଡ଼ ଭାବେ ପରିଚିତ ଚିତ୍ତୋଗଡ଼, ସିରୋହି, ରାଜସାମନ୍ଦ ଓ ଜାଲୋରେ ଭଳି ସ୍ଥାନରେ ଦଳକୁ ଝଟକା ଲାଗିଛି। କଂଗ୍ରେସ ଏହି ସବୁ ସ୍ଥାନ ବ୍ୟତୀତ ଜୟପୁର, ଯୋଧପୁର, ବିକାନେର ଓ ଭିଲୱାଲାରାରେ କମବ୍ୟାକ କରିଛି। ବିଜେପି ପୂର୍ବଭଳି ଆଜମେର ନିଜ ପାଖରେ ରଖିଥିବା ବେଳେ ଉଦୟପୁରକୁ କଡ଼ା ଟକ୍କର ମଧ୍ୟ ଦଖଲ କରିବାକୁ ସକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଓ ଅନେକ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବି ବିଜେପି ହାରିଛି। ମୁଖ୍ୟମନ୍ତ୍ରୀ ଶର୍ମାଙ୍କ ନିର୍ବାଚନ ମଣ୍ଡଳୀ ସାଙ୍ଗନେରରେ ଆରଏଲପି ବାଜିତମାତ କରିଛି। ଶିଳ୍ପମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କ ଝୋଟୱାରାରେ କଂଗ୍ରେସ ଦବଦବା ଦେଖାଇଛି। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ଅର୍ଜୁନ ରାମ ମେଘୱାଲ ଓ ଭୂପେନ୍ଦର ଯାଦବଙ୍କ ଅଞ୍ଚଳରେ ମଧ୍ୟ ବିଜେପିକୁ ପରାଜୟ ମୁହଁ ଦେବାକୁ ପଡ଼ିଛି। ସିକାରରେ ମଧ୍ୟ କଂଗ୍ରେସ ଦମଦାର ପ୍ରଦର୍ଶନ କରିଛି। ଗ୍ରାମାଞ୍ଚଳ ନିର୍ବାଚନରେ କଂଗ୍ରେସ ଓ ଆରଏଲପି ବ୍ୟତୀତ ଭାରତ ଆଦିବାଦୀ ପାର୍ଟି ମଧ୍ୟ ଦମଦାର ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ନୁହେଁ, ତାଙ୍କ ଜନ୍ମ ଜିଲ୍ଲା ଭରତପୁରରେ ମଧ୍ୟ ବିଜେପି ପଛରେ ପଡ଼ି ଯାଇଛି। ଏଠାରେ ଥିବା ୩୧ଟି ଜିଲ୍ଲା ପରିଷଦ ୱାର୍ଡରୁ କଂଗ୍ରେସ ୨୧ଟି ଜିତି ଅଧକ୍ଷ ପଦ ହାତେଇବାକୁ ଯାଉଛି। ବିଜେପି ୯ଟି ସ୍ଥାନରେ ଜିତିଥିବା ବେଳେ ଆରଏଲପି ଗୋଟିଏ ଆସନ ପାଇଛି। ଏହି ଜିଲ୍ଲାରେ ଥିବା ୭ ପଞ୍ଚାୟତ ସମିତର ୧୫୯ଟି ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ୭୫ଟି ସ୍ଥାନରେ ଜିତିଛନ୍ତି। କଂଗ୍ରେସ ଖାତାକୁ ୭୫ଟି, ବିଜେପି ପାଖକୁ ୩୧ଟି, ବିଏସ୍‌ପି ୩ଟି ଓ ଆରଏଲପି ୨ଟି ସ୍ଥାନରେ ବିଜୟ ବାନା ଉଡ଼ାଇଛି। ବିଜେପି ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଥିବା ଝାବର ସିଂହ ଖାରାଙ୍କୁ ବ୍ୟକ୍ତିଗତ ଭାବେ ଝଟକା ଲାଗିଛି। ତାଙ୍କ ପତ୍ନୀ ଓ ୨ ପୁଅ ସିକାର ଜିଲ୍ଲାର ଶ୍ରୀମାଧୋପୁରରେ ପଞ୍ଚାୟତ ସମିତି ନିର୍ବାଚନରେ ପରାସ୍ତ ହୋଇଛନ୍ତି।

ତାମିଲନାଡୁରେ ହିନ୍ଦୁମାନଙ୍କୁ ସୁପ୍ରିମକୋର୍ଟରୁ ଅନ୍ତରୀଣ ଆଶ୍ୱସ୍ତି

ନଭେମ୍ବର ୨୪ରେ 'କାର୍ତ୍ତିଗାଇ ଦୀପମ୍' ଜଳାଇବାକୁ ମିଳିଲା ଅନୁମତି

ନୂଆଦିଲ୍ଲୀ,୨୦।୧୧: ତାମିଲନାଡୁ ମଦୁରାଇର ତିରୁପରନକୁନ୍ଦ୍ରମ୍ ପାହାଡ଼ରେ ଥିବା ପବିତ୍ର ଦୀପାଥୁନରେ, ଚଳିତ ବର୍ଷ ହିନ୍ଦୁ ମାନଙ୍କୁ 'କାର୍ତ୍ତିଗାଇ ଦୀପ' ଜଳାଇବାକୁ ମିଳିଛି ଅନୁମତି । ଏହି ମାମଲାରେ ତାମିଲନାଡୁ ସରକାର ମାଡ୍ରାସ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରି ଥିଲେ, ଯାହାକୁ ବର୍ତ୍ତମାନ ପାଇଁ ଏକ ବଡ଼ ଝଟକା ଲାଗିଛି । ସୁପ୍ରିମକୋର୍ଟଙ୍କ ଏହି ଆଦେଶର ଖବର ମଦୁରାଇରେ ପହଞ୍ଚିବା ମାତ୍ରେ ସେଠାକାର ହିନ୍ଦୁ ସମ୍ପ୍ରଦାୟର ଲୋକେ ଏବଂ ବିଜେପି ସଦସ୍ୟମାନେ ମନ୍ଦିର ସାମ୍ନାରେ ଉତ୍ସବ ମନାଇବା ଆରମ୍ଭ କରି ଦେଇ ଥିଲେ । ତେବେ ସୁପ୍ରିମକୋର୍ଟଙ୍କ ଆଦେଶରେ ଏହା ସ୍ପଷ୍ଟ କରାଯାଇଛି ଯେ, କେବଳ ଚଳିତ ନଭେମ୍ବର ୨୪ ତାରିଖର କାର୍ତ୍ତିଗାଇ ଦିବସ ପାଇଁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। 'ଲାଇଭ୍ ଲ'ର ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ଶୁକ୍ରବାର ଦିନ ଦେଇଥିବା ନିଜ ଆଦେଶରେ କହିଛନ୍ତି ଯେ, ଏହା କେବଳ ଏକ ସାମୟିକ ବ୍ୟବସ୍ଥା ଏବଂ କାର୍ତ୍ତିଗାଇ ଦିବସ (ନଭେମ୍ବର ୨୪) ପାଇଁ ଦୀପାଥୁନରେ ଦୀପ ପ୍ରଜ୍ୱଳନ କରିବାକୁ ଅନୁମତି ଦିଆଯାଉଛି ।

ବାଂଲାଦେଶରେ ୨୮ ଜିଲ୍ଲାରେ ସ୍ଥିତି ଅଣାୟତ୍ତ

ୟୁନୁସଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

ନୂଆଦିଲ୍ଲୀ,୨୦।୧୧: ପୁଣି ହିଂସା କବଳରେ ବାଂଲାଦେଶ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଦଳ ଆୱାମୀ ଲିଗ୍ ଦେଶବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛି । ଲକ୍‌ଡାଉନ ଘୋଷଣା କରିଛି । ୨୮ ଜିଲ୍ଲାରେ ବୋମା ବିସ୍ଫୋରଣ, ଜଳାପୋଡ଼ା ଓ ଭଙ୍ଗାରୁଜା ଘଟଣା ସାମ୍ନାକୁ ଆସିଛି । ରାଜଧାନୀ ଢାକାରେ ଗୁରୁବାର ଅନେକ ଦେଶୀ ବୋମା ବିସ୍ଫୋରଣ ହୋଇଛି । ଏକାଧିକ ଅଞ୍ଚଳରେ ଆକ୍ରମଣ ଘଟଣା ଘଟିଛି । ୨୪ ଘଣ୍ଟା ମଧ୍ୟରେ କେବଳ ଢାକାରେ ୫୬୫ ଲୋକଙ୍କୁ ଗିରଫ କରାଯାଇଛି । ହସିନା ସରକାରରେ ଶିକ୍ଷା ମନ୍ତ୍ରୀ ଥିବା ନୁରୁଲ ଇସଲାମ ନାହିଦଙ୍କୁ ବି ଉଠାଇ ନେଇଛି ପୁଲିସ । ହସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯିବାର ୧ ବର୍ଷ ପୂରଣ ହେବା ପରିପ୍ରେକ୍ଷୀରେ ଆୱାମୀ ଲିଗ୍ ଲକ୍‌ଡାଉନ୍ ଘୋଷଣା କରିଛି । ଆନ୍ଦୋଳନକାରୀ ଦେଶର ପୂର୍ବ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସଙ୍କ ଚଟଗାଓଁସ୍ଥିତ ପୈତୃକ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି । ଦେଶର ପୃଥକ ସ୍ଥାନରେ ଥିବା ତାଙ୍କ ଗ୍ରାମୀଣ ବ୍ୟାଙ୍କର ପ୍ରାୟ ୩୭ଟି ଶାଖାରେ ବି ନିଆଁ ଲଗାଇଛନ୍ତି । ଅନେକ ସ୍ଥାନରେ ରାସ୍ତାରୋକ ଯୋଗୁ ଯାତାୟାତ ପ୍ରଭାବିତ ହୋଇଛି । ଥାନା ବି ପୋଡ଼ିଛନ୍ତି । ଶେଖ୍ ହସିନା ସ୍ୱଦେଶ ଫେରିବାକୁ ଚାହୁଁଥିଲେ ହେଁ ତାଙ୍କ ଦେଶର ସରକାର ନୂଆ ପାସ୍‌ପୋର୍ଟ ଏବଂ ଜାତୀୟ ପରିଚୟପତ୍ର ଦେବାକୁ ମନା କରିଦେଇଛି । ଏହା ପୂର୍ବରୁ ତାଙ୍କୁ ପଳାତକ ଘୋଷଣା କରାଯିବା ସହ ବାଂଲାଦେଶର ଆଇସିଟି (ଇଣ୍ଟରନ୍ୟାସନାଲ କ୍ରାଇମ୍ସ ଟ୍ରିବ୍ୟୁନାଲ) ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଥିଲା । ଏହାଯୋଗୁ ହସିନାଙ୍କ ଅଡୁଆ ବଢ଼ିଯାଇଛି । ତାଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବାରୁ ଆୱାମୀ ଲିଗ୍‌ର କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

ଜାନୁଆରୀ ୧ରୁ ଭାରତୀୟଙ୍କ ପାଇଁ ମାଲେସିଆର ଭିଜାମୁକ୍ତ ପ୍ରବେଶ ବନ୍ଦ

ସିଙ୍ଗାପୁର,୨୦।୧୧: ଭାରତୀୟ ନାଗରିକଙ୍କ ପାଇଁ ମାଲେସିଆ ଆସନ୍ତା ଜାନୁଆରୀ ୧ରୁ ଭିଜାମୁକ୍ତ ପ୍ରବେଶ ସୁବିଧା ବନ୍ଦ କରିବାକୁ ଯାଉଛି। ମାଲେସିଆର ଇମିଗ୍ରେସନ ବିଭାଗ ପକ୍ଷରୁ ଏହି ଘୋଷଣା କରାଯାଇଛି। ପୂର୍ବରୁ ଏହି ଦେଶକୁ ଯାତ୍ରା କରୁଥିବା ଭାରତୀୟ ନାଗରିକଙ୍କୁ ୩୦ ଦିନିଆ ଭିଜା ଛାଡ଼ ସୁବିଧା ମିଳୁଥିଲା। ସେମାନଙ୍କୁ କେବଳ ପହଞ୍ଚିବାର ୩ ଦିନ ପୂର୍ବରୁ 'ମାଲେସିଆ ଡିଜିଟାଲ ଆରାଇଭାଲ୍ କାର୍ଡ' ପାଇଁ ପଞ୍ଜୀକରଣ କରିବାକୁ ପଡୁଥିଲା। ଏହି ଭିଜା ଛାଡ଼ ସୁବିଧା ୨୦୨୩ ଡିସେମ୍ବର ୧ରେ ଆରମ୍ଭ ହୋଇଥିଲା ଏବଂ ପରେ ଏହାକୁ ୨୦୨୬ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତଦନୁଯାୟୀ ଏହି ତାରିଖଠାରୁ ମାଲେସିଆରେ ପ୍ରବେଶ କରୁଥିବା ଭାରତୀୟ ନାଗରିକମାନଙ୍କୁ ସେଠାରେ ପହଞ୍ଚିବା ପୂର୍ବରୁ ଏକ ବୈଧ ଭିଜା ହାସଲ କରିବା ବାଧତାମୂଳକ ହେବ ବୋଲି ବିଭାଗ କହିଛି। ୨୦୨୬ ଡିସେମ୍ବର ୧ରୁ 'ମାଇଭିଜା

ଭୁବନେଶ୍ୱର, ଶନିବାର ୨୧ ନଭେମ୍ବର ୨୦୨୬
Bhubaneswar, Saturday 21 November 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ
ପୃଷ୍ଠା ୦୮

ନ୍ୟୁଜିଲାଣ୍ଡକୁ ଦୃଢ ଜବାବ ଦେଲା ଭାରତ, ୧୫୯/୧

ୱେଲିଂଟନ, ୨୦।୧୧(ଏଜେନ୍ସି): ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଘରୋଇ ଟିମ ଉପରେ ଚାପ ପକାଇବାରେ ବିଫଳ ହୋଇଥିଲେ ଭାରତୀୟ ବୋଲର। ପ୍ରାରମ୍ଭିକ ସୁଯୋଗର ଫାଇଦା ଭାରତୀୟ ବୋଲର ଉଠାଇ ନ ପାରିବାରୁ ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ ଅନେକ ପ୍ରଶ୍ନର ଶିକାର ହୋଇଥିଲେ।ହେଲେ ଏହାର ୨୪ ଘଣ୍ଟା ପରେ ଭାରତ ପାଇଁ ସେଲିବ୍ରେସନ କରିବାର ସୁଯୋଗ ସୃଷ୍ଟି ହୋଇଛି। ଭାରତ ବ୍ୟାଟିଂରେ ଚାହୁଁଥିବା ଆରମ୍ଭ ଦେବାକୁ ସକ୍ଷମ ହୋଇଛନ୍ତି ଦଳର ଦୁଇ ଓପନର ଯଶସ୍ୱୀ ଜୈସ୍ୱାଲ ଓ କେଏଲ ରାହୁଲ। ପ୍ରଥମ ଦିନରେ ଏକଦା ୭୦/୫ ସ୍ଥିତିରେ ଥିବା ଘରୋଇ ଟିମ ପ୍ରଥମ ଇନିଂସରେ ୩୬୮ ରନ କରିବାକୁ ସକ୍ଷମ ହୋଇଛି। ଦ୍ୱିତୀୟ ଦିନରେ ନ୍ୟୁଜିଲ୍ୟାଣ୍ଡ ଅଲଆଉଟ ହୋଇଥିଲେ ହେଁ ହେନରୀ ନିକୋଲସ ଅପରାଜିତ ୧୭୫ ରନ ଓ ଗ୍ଲେନ ଫିଲିପ୍ସ ଖେଳିଛନ୍ତି ୧୧୮ ରନର ଇନିଂସ। ଉଭୟ ୬ଷ୍ଠ ୱିକେଟ ପାଇଁ ୨୧୬ ରନ ଯୋଡ଼ିବାରୁ ନ୍ୟୁଜିଲ୍ୟାଣ୍ଡ ୩୬୮ ରନ କରି ନେଇଛି। ଭାରତ ପାଇଁ ଯଶପ୍ରୀତ ବୁମ୍ରା ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଆକାଶ ଦୀପ ୩ଟି, ଅଂଶୁଲ କମ୍ବୋଜ ୨ଟି ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମିଳିଛି ଗୋଟିଏ ସଫଳତା। ନ୍ୟୁଜିଲ୍ୟାଣ୍ଡ ୩୬୮ ରନରେ ଅଟକିବା ପରେ ଭାରତ ପାଇଁ ଇନିଂସ ଆରମ୍ଭ କରିଥିଲେ ଜୈସ୍ୱାଲ ଓ ରାହୁଲ। ମ୍ୟାଟ ହେନରୀ ଓ କାଇଲ ଜାମିସନଙ୍କ ସୁଇଂକୁ ଉଭୟ ଦମଦାର ଢଙ୍ଗରେ ମୁକାବିଲା କରିଥିଲେ। ପ୍ରଥମ ୱିକେଟ ପାଇଁ ଉଭୟ ୧୩୦ ରନ ଯୋଡ଼ି ଭାରତକୁ ଦେଇଥିଲେ ଦମଦାର ଷ୍ଟାର୍ଟ।ଏହି ଭାଗିଦାରୀ ସହ ୩୨ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ୩୨ ବର୍ଷ ମଧ୍ୟରେ ଭାରତୀୟ ଓପନିଂ ଯୋଡ଼ି କେବେ ବି ନ୍ୟୁଜିଲ୍ୟାଣ୍ଡ ମାଟିରେ ୧୦୦ ରନ କରିପାରି ନଥିଲେ। ହେଲେ ୱେଲିଙ୍ଗଟନ ଟେଷ୍ଟରେ ରାହୁଲ ଓ ଜେସ୍ୱାଲ ଏହି ଅପେକ୍ଷାର ଅନ୍ତ ଘଟାଇଛନ୍ତି। ଜୈସ୍ୱାଲ ଦ୍ୱିତୀୟ ଦିନରେ ଭାରତର ଏକମାତ୍ର ବ୍ୟାଟର ଭାବେ ୮୯ ବଲରେ ୮୫ ରନ କରି ଆଉଟ ହୋଇଛନ୍ତି। ରାହୁଲ ୫୨ ରନ ଓ ଦେବଦତ୍ତ ପାଡିକ୍କଲ ଷ୍ଟମ୍ପ ଅପସାରଣ ବେଳକୁ ୧୬ ରନ କରି ଅପରାଜିତ ରହିଥିଲେ। ଭାରତ ଆଜି ୩୯ ଓଭର ବ୍ୟାଟିଂ କରି କେବଳ ଗୋଟିଏ ୱିକେଟ ହରାଇ ୧୫୯ ରନ କରି ନେଇଛି।

ଭାରତ ପାଇଁ ଆଜି ବ୍ୟାଟିଂ ଆରମ୍ଭ ଆଗି ସହଜ ନଥିଲା। ହେନରୀ ଓ ଜାମିସନ ନୂଆ ବଲରେ ସୁଇଂ ହାସଲ କରିଥିଲେ। ସେମାନଙ୍କ ଘାତକ ବୋଲିଂ ଯୋଗୁ ୨୬ଟି ବଲ ପରେ ହିଁ ଭ୍ରମଣକାରୀ ଭାରତର ଖାତା ଖୋଲିଥିଲା। ଉଭୟ ରାହୁଲ ଓ ଜୈସ୍ୱାଲ ବାରମ୍ବାର ବିଟ୍? ହୋଇଥିଲେ ହେଁ ୱିକେଟ ଦେଇ ନଥିଲେ। ଧୈର୍ଯ୍ୟ ଓ ନିଜ ଦକ୍ଷତାକୁ ଉଭୟ ଗୁରୁତ୍ୱ ଦେଇ ପିଚ୍?ରେ ଲଢେଇ କରିଥିଲେ। ବଲ ସୁଇଂ ହେବା ବନ୍ଦ କରିବା ପରେ ଉଭୟ ରନ ହାସଲ କରିବା ସହ ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ। ଜୈସ୍ୱାଲ ଅର୍ଦ୍ଧଶତକ ହାସଲ କରିବା ପରେ ଗୋଟିଏ ପରେ ଗୋଟିଏ ବାଉଣ୍ଡରୀ ମାରିଥିଲେ। ସେ ଶତକ ଆଡ଼କୁ ଯାଉଥିବା ବେଳେ ହେନରୀଙ୍କ ବଲରେ କ୍ୟାଚ୍? ଆଉଟ ହୋଇ ଯାଇଥିଲେ। ହେଲେ ସେତେବେଳକୁ ଭାରତ ଦୃଢ଼ ଆରମ୍ଭ ପାଇ ସାରିଥିଲା। କାରଣ ପ୍ରଥମ ୱିକେଟ ପାଇଁ ଜୈସ୍ୱାଲ ଓ ରାହୁଲ ୧୩୦ ରନ ଯୋଡ଼ିଥିଲେ। ଶେଷ ଥର ପାଇଁ ନ୍ୟୁଜିଲ୍ୟାଣ୍ଡ ମାଟିରେ ଭାରତୀୟ ଓପନିଂ ଯୋଡ଼ି ୧୦୦ ରନ କରିବା ୧୯୯୪ ମସିହାରେ ଦେଖିବାକୁ ମିଳିଥିଲା। ହାମିଲଟନରେ ନବଜୋତ ସିଦ୍ଧୁ ଓ ନୟନ ମୋଙ୍ଗିଆ ଏହି କୀର୍ତ୍ତିମାନ ହାସଲ କରିଥିଲେ। ଏବେ ୩୨ ବର୍ଷ ପରେ ରାହୁଲ ଓ ଜୈସ୍ୱାଲ ପୁଣି ୧୦୦ କିମ୍ବା ତା' ଠାରୁ ଅଧିକ ରନର ଭାଗିଦାରୀ କରିଛନ୍ତି। ଭାରତ ଦ୍ୱିତୀୟ ଦିନରେ ୧୫୯ ରନ କରିଥିଲେ ହେଁ ଏବେ ବି ନ୍ୟୁଜିଲ୍ୟାଣ୍ଡର ପ୍ରଥମ ଇନିଂସ ସ୍କ?ର ଠାରୁ ୨୦୯ ରନ ପଛରେ ରହିଛି। ତେଣୁ ତୃତୀୟ ଦିନରେ ଭାରତକୁ ଆହୁରି ଭଲ ବ୍ୟାଟିଂ କରିବାକୁ ପଡ଼ିବ। ଭାରତର ବ୍ୟାଟିଂ ପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ଆଜି ୨୪୩/୫ରୁ ନିଜର ଇନିଂସ ଆଗକୁ ନେଇଥିଲା। ପ୍ରଥମ ଦିନରେ ୯୪ ରନ କରିଥିବା ଫିଲିପ୍ସ ଆଜି ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ତେବେ ସେ ୧୧୮ ରନ କରିଥିବା ବେଳେ ଆକାଶ ଦୀପ ତାଙ୍କୁ ବୋଲ୍ଡ କରି ୬ଷ୍ଠ ୱିକେଟ ପାଇଁ ସୃଷ୍ଟି ହୋଇଥିବା ୨୧୬ ରନର ଭାଗିଦାରୀରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।ନାଥନ ସ୍ମିଥ(୧୪) ଓ କାଇଲ ଜାମିସନ(୧୧) ମଧ୍ୟ ବେଶୀ କିଛି କରିପାରି ନଥିଲେ। ଏହାପରେ ବୁମ୍ରା ୧ ରନ କରିଥିବା ହେନରୀଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଗୋଟିଏ ପଟେ ୱିକେଟ ଝଡୁ ଥିବା ବେଳେ ଗତକାଲି ୧୧୩ ରନ କରିଥିବା ନିକୋଲସ ସେମିତି ଖୁଣ୍ଟ ଭଳି ଛିଡ଼ା ହୋଇଥିଲେ। ସେ ଆଜି ପୁଣି ଭାରତୀୟ ବୋଲରଙ୍କୁ ଘାଇଲା କରି ୧୫୦ ରନ ପୂରଣ କରିଥିଲେ।ଏଥିସହ ସେ ନିଜର ଦୁଇ ଶତକ ଆଡ଼କୁ ମଧ୍ୟ ବଢ଼ିଥିଲେ। ତେବେ ସେ ୧୭୫ ରନ କରିଥିବା ବେଳେ ଏପଟେ ଷ୍ଟାଇକକୁ ଆସିଥିଲେ ଜ୍ୟାକବ ଡଫି। ସେ ୧୧ ବଲରେ ୪ ରନ ମଧ୍ୟ କରି ନେଇଥିଲେ।କିନ୍ତୁ ୧୨୧ତମ ଓଭରର ଶେଷ ବଲରେ କମ୍ବୋଜ ତାଙ୍କୁ ୱିକେଟ କିପର ଋଷଭ ପନ୍ତଙ୍କ ହାତରେ କ୍ୟାଚ ଆଉଟ କରାଇ ନ୍ୟୁଜିଲ୍ୟାଣ୍ଡ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ନିକୋଲସ ୩୩୪ ବଲରେ ୧୭୫ ରନ କରି ଅପରାଜିତ ରହି ନିଜର ଅଭିଯାନ ଶେଷ କରିଛନ୍ତି।



ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

ମାଲେସିଆକୁ ୪-୧ରେ ହରାଇଲା ଭାରତ

ଭୋପାଳ, ୨୦।୧୧(ଏଜେନ୍ସି): ମଧ୍ୟପ୍ରଦେଶର ଭୋପାଳଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକିରେ ମାଲେସିଆକୁ ୪-୧ରେ ହରାଇ ବର୍ତ୍ତମାନର ବିଜେତା ଭାରତ ଅଭିଯାନ ଆରମ୍ଭ କରିଛି। ୧୯ତମ ମିନିଟ୍‌ରେ ମାଲେସିଆର ନୁରାମିରା ଜୁଲକିଫଲି ଗୋଲ୍ କରି ନିଜ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। କିନ୍ତୁ ଭାରତ ପକ୍ଷରୁ ମମତାଜ ଖାଁ ୨୫ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ସ୍ଥିତିକୁ ୧-୧କୁ ଆଣିଥିଲେ । ୩୫ତମ ମିନିଟ୍‌ରେ



ସଲିମା ଟେଟେ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ୍ ଅମଳ କରିଥିଲେ। ଏହାର ୪ ମିନିଟ୍ ପରେ ଅର୍ଥାତ ୩୯ତମ ମିନିଟ୍‌ରେ ପୂଜା ସାହୁ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତନ କରି ଭାରତର ଅଗ୍ରଣୀକୁ ୩-୦କୁ ବୃଦ୍ଧି କରିଥିଲେ। ୪୯ ତମ ମିନିଟ୍‌ରେ ଲାଲରେମସିଆମି ଆଉ ଏକ ପେନାଲ୍ଟି କର୍ଣ୍ଣର ଗୋଲ କରି ସ୍କୋରକୁ ୪-୧କୁ ନେଇଯାଇଥିଲେ। ଗୁରୁବାରର ଅନ୍ୟ ମ୍ୟାଚ୍‌ରେ ଚୀନ ୭-୦ରେ ଥାଇଲାଣ୍ଡକୁ ଓ ଜାପାନ ୧-୦ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି।

ଭାରତ-ନ୍ୟୁଜିଲାଣ୍ଡ କ୍ରୀଡ଼ା ସଂପର୍କର ଶତବାର୍ଷିକୀ ଉପଲକ୍ଷେ ଖେଳାଯାଉଥିବା ବନ୍ଧୁତ୍ୱପୂର୍ଣ୍ଣ ଶୃଙ୍ଖଳାରେ ଭାରତୀୟ ପୁରୁଷ ହକି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗୁରୁବାର ପ୍ରଥମ ମ୍ୟାଚ୍‌ରେ ଭାରତ ଘରୋଇ ନ୍ୟୁଜିଲାଣ୍ଡକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି।

ଏଏଫ୍‌ସି ପୁରସ୍କାରରେ ଏଆଇଏଫ୍‌ଏଫ୍‌କୁ ସ୍ୱର୍ଣ୍ଣ ସମ୍ମାନ

ବ୍ୟାଙ୍କକ୍, ୨୦।୧୧(ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍)କୁ ବର୍ଷର ଶ୍ରେଷ୍ଠ ସଦସ୍ୟ ସଂଘ ଭାବେ ଏଏଫ୍‌ସି ପକ୍ଷରୁ ସ୍ୱର୍ଣ୍ଣ ସମ୍ମାନ ମିଳିଛି। ଗୁରୁବାର ଥାଇଲାଣ୍ଡରେ ଆୟୋଜିତ 'ଏଏଫ୍‌ସି ପୁରସ୍କାର ୨୦୨୬'ରେ ଏଆଇଏଫ୍‌ଏଫ୍ ଏହି ସମ୍ମାନ ଗ୍ରହଣ କରିଛି। ଆଞ୍ଚଳିକ ପ୍ରତିଯୋଗିତା, ଘରୋଇ ଫୁଟ୍‌ବଲ୍‌ର ବିକାଶ ଏବଂ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଏଆଇଏଫ୍‌ଏଫ୍‌ର ସଫଳତା ପାଇଁ ଏହି ସମ୍ମାନ ମିଳିଛି। ଭାରତର ଏହା ଦ୍ୱିତୀୟ ଏଏଫ୍‌ସି ସମ୍ମାନ।

ପୂର୍ବରୁ ୨୦୧୬ରେ ବିକାଶଶୀଳ ବର୍ଗରେ ଭାରତ ସମ୍ମାନିତ ହୋଇଥିଲା। ଚଳିତ ବର୍ଷ ଆଞ୍ଚଳିକ ପ୍ରତିଯୋଗିତାରେ ଭାରତ ୫ଟିରେ ବିଜେତା ଓ ୩ଟିରେ ଉପବିଜେତା ହୋଇଥିଲା। ୫ ବିଜେତା ଟ୍ରଫିରୁ ମହିଳା ଦଳ ୪ଟି ଜିତିଥିଲେ। ମହିଳା ସାଫ୍ ବରିଷ୍ଠ, ୧୯ ବର୍ଷରୁ କମ୍‌ରେ ଭାରତ ବିଜେତା ହୋଇଥିଲା। ଏହା ବାଦ୍ ମହାଦେଶୀୟ ସ୍ତରରେ ଏଏଫ୍‌ସି ମହିଳା ଏସୀୟ କପ୍‌କୁ ଭାରତ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିଲା। ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍‌ର କ୍ୱାର୍ଟରଫାଇନାଲ୍‌ରେ ଭାରତ ପ୍ରଥମ ଥର ପହଞ୍ଚିଥିଲା ବେଳେ ୨ ଦଶନ୍ଧି ପରେ ଏଏଫ୍‌ସି ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ଖେଳିବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲା।

ଦୃଷ୍ଟିହୀନ ଏସିଆ କପ କ୍ରିକେଟରେ ବିବାଦ

ମ୍ୟାଚ୍ ନ ଜିତି ଟ୍ରଫି ନେଇଗଲା ପାକିସ୍ତାନ, ଭାରତର ବୟକଟ୍

ନୂଆଦିଲ୍ଲୀ, ୨୦।୧୧: ପାକିସ୍ତାନ ସହ ଭବିଷ୍ୟତରେ ମ୍ୟାଚ୍ ଖେଳିବ ନାହିଁ ବୋଲି ଚେତାବନୀ ଦେଇଛି ଭାରତର ଦୃଷ୍ଟିହୀନ କ୍ରିକେଟ ଟିମ। ଢାକାରେ ଆୟୋଜିତ ଦୃଷ୍ଟିହୀନ ପୁରୁଷ ଏସିଆ କପର ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ବୟକଟ କରିଛି ଭାରତ।

ଆଜି ଦୃଷ୍ଟିହୀନ ଏସିଆ କପ କ୍ରିକେଟର ଫାଇନାଲରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାର ଥିଲା। କିନ୍ତୁ ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୋଇ ଯାଇଥିଲା। ନିୟମ ଅନୁସାରେ ଫାଇନାଲ ମ୍ୟାଚ୍ ପାଇଁ ରିଜର୍ଭ ଡେ' ରଖାଯାଏ କିମ୍ବା ଫାଇନାଲକୁ ଯାଇଥିବା ଦୁଇ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଏ। ହେଲେ ଆଜି ଏଥିରେ ବ୍ୟତିକ୍ରମ ଦେଖାଯାଇଛି।

ଭଲ ରନରେଟ୍ ଆଧାରରେ ପାକିସ୍ତାନକୁ ବିଜେତା ଘୋଷଣା କରାଯିବା ସହ ଟ୍ରଫି ଦିଆଯିବାରୁ ଏହାକୁ ନେଇ ବିବାଦ ଦେଖାଯାଇଛି।

ଟୁର୍ଣ୍ଣାମେଣ୍ଟର ପ୍ଲେଇଂ କଣ୍ଡିସନ ନିୟମ ଉପରେ ଭାରତୀୟ ଖେଳାଳି ଓ ଅଧିକାରୀମାନେ ପ୍ରଶ୍ନ ଉଠାଇଛନ୍ତି। ନିୟମକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି ଓ ଟ୍ରଫି ଉଭୟ ଦଳ ମଧ୍ୟରେ ଭାଗ କରାଯିବା ଦରକାର ବୋଲି କହିଛନ୍ତି।

ଏହି ବିବାଦ କାରଣରୁ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଟିମ ଭବିଷ୍ୟତରେ ପାକିସ୍ତାନ ସହ ମ୍ୟାଚ୍ ଖେଳିବ ନାହିଁ। ପ୍ରଥମେ ଏହି ବିବାଦର ଉପଯୁକ୍ତ ସମାଧାନ କରାଯାଉ ବୋଲି କହିଛନ୍ତି ଭାରତୀୟ ଦୃଷ୍ଟିହୀନ କ୍ରିକେଟ ମହାସଂଘର ସମ୍ପାଦକ ଶୈଳେନ୍ଦ୍ର।

ବର୍ତ୍ତମାନ ବିଶ୍ୱ ଦୃଷ୍ଟିହୀନ କ୍ରିକେଟ ପରିଷଦର ଅଧକ୍ଷ ହେଉଛନ୍ତି ସୁଲତାନ ଶାହ। ସେ ପାକିସ୍ତାନ ଦୃଷ୍ଟିହୀନ କ୍ରିକେଟ ପରିଷଦର ମଧ୍ୟ ସଭାପତି। ବର୍ଷା ଯୋଗୁ ମ୍ୟାଚ୍ ସମ୍ଭବ ନ ହେବାରୁ ବିଶ୍ୱ ଦୃଷ୍ଟିହୀନ କ୍ରିକେଟ ପରିଷଦର ବୈଷୟିକ କମିଟି ଉଭୟ ଭାରତ ଓ ପାକିସ୍ତାନକୁ ଯୁଗ୍ମ ବିଜେତା ଭାବେ ଘୋଷଣା କରିବାକୁ ପରାମର୍ଶ ଦେଇଥିଲେ।

ହେଲେ ଏହାକୁ ସୁଲତାନ ଶାହ ଅଣଦେଖା କରିଛନ୍ତି। ସେ ମ୍ୟାଚ୍ ରେଫରୀଙ୍କୁ ସିଧାସଳଖ ପାକିସ୍ତାନକୁ ଦୃଷ୍ଟିହୀନ ଏସିଆ କପ କ୍ରିକେଟର ବିଜେତା ଭାବେ ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମ୍ୟାଚ୍ ବାତିଲ ହୋଇଯାଇଥିଲେ ହେଁ ରନରେଟ ଆଧାରରେ ମ୍ୟାଚ୍ ରେଫରୀ ପାକିସ୍ତାନକୁ ବିଜେତା ଘୋଷଣା କରିଛନ୍ତି। ଫାଇନାଲର ରେଜଲ୍ଟ ରନ ରେଟ୍ ଆଧାରରେ ସ୍ଥିର ହୁଏ ନାହିଁ। ଏଥିସହ ଟୁର୍ଣ୍ଣାମେଣ୍ଟର ନିୟମ ଯେଉଁ ଭାବେ ପ୍ରଣୟନ କରାଯାଇଛି ଓ ଏହାକୁ ଉଭୟ ଟିମକୁ ଅବଗତ କରାଯାଇଛି, ତା'କୁ ନେଇ ମଧ୍ୟ ଭାରତୀୟ କଣ୍ଡିଜେଣ୍ଟ ପ୍ରଶ୍ନ ଉଠାଇଛନ୍ତି।

ପ୍ଲେଇଂ କଣ୍ଡିସନରେ କରାଯାଇଥିବା ସଂଶୋଧନକୁ ଠିକ ଭାବେ ଉଭୟ ଦଳର କ୍ୟାପ୍‌ଟେନଙ୍କୁ ମଧ୍ୟ ଅବଗତ କରାଯାଇ ନଥିଲା। ବିଶ୍ୱର ସବୁ ସ୍ଥାନରେ ଫାଇନାଲ ପାଇଁ ସଂରକ୍ଷିତ ଦିବସ ରଖାଯାଏ। ଯଦି ସଂରକ୍ଷିତ ଦିବସ ନଥିବ, ତା'ହେଲେ ଉଭୟ ଦଳକୁ ଯୁଗ୍ମ ବିଜେତା ଭାବେ ଘୋଷଣା କରାଯାଏ।କେଉଁ ଦେଶରେ ଫାଇନାଲର ଫଳାଫଳ ରନ ରେଟ୍ ଆଧାରରେ ସ୍ଥିର କରାଯାଏ ରନ ରେଟ୍ କେବଳ ଯୋଗ୍ୟତା ପର୍ଯ୍ୟାୟରେ ଲାଗୁ ହୁଏ ବୋଲି କ୍ରିକେଟ ପଣ୍ଡିତମାନେ ମତ ରଖିଛନ୍ତି।

ପାକିସ୍ତାନକୁ ବିଜେତା ଘୋଷଣା କରାଯିବାରୁ ଭାରତୀୟ ଟିମ ଟ୍ରଫି ପ୍ରଦାନ କାର୍ଯ୍ୟକ୍ରମ ବିରୋଧରେ ସ୍ୱର ଉଠାଇଛନ୍ତି। ଏଥିପାଇଁ ସେମାନେ କାର୍ଯ୍ୟକ୍ରମକୁ ମଧ୍ୟ ବୟକଟ କରିଛନ୍ତି।



୮ ବର୍ଷ ପାଇଁ ବାସନ୍ଦ ହେଲେ ସଟ୍‌ପୁଟର କିରଣ

ନୂଆଦିଲ୍ଲୀ ୨୦।୧୧: ହାଙ୍ଗଝୌ ଏସୀୟ କ୍ରୀଡ଼ା କାଂସ୍ୟ ବିଜେତା ଭାରତୀୟ ସଟ୍‌ପୁଟର୍ କିରଣ ବାଲୟାନ୍‌ଙ୍କୁ ଜାତୀୟ ଡୋପିଂ ନିରୋଧୀ ସଂସ୍ଥା (ନାଡା) ୮ ବର୍ଷ ଲାଗି ବାସନ୍ଦ କରିଛି। ବହୁବାର ନିଷିଦ୍ଧ ଔଷଧ ନିୟମ ଉଲ୍ଲଂଘନ କରିବା ସହ ନିଷିଦ୍ଧ ଷ୍ଟେରଏଡ୍ ମେଥାଣ୍ଡିଏନନ୍ ବ୍ୟବହାର କରିଥିବା ପ୍ରମାଣ ହେବାରୁ ତାଙ୍କୁ ଏହି ଦଣ୍ଡ ଦେଇଛି 'ନାଡା'। ୨୦୨୪ରୁ ମାମଲା ଚାଲିଥିଲା ବେଳେ ସେହିବର୍ଷ ସେପ୍ଟେମ୍ବରରେ ତାଙ୍କୁ ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇଥିଲା। ଡୋପିଂ ବାଦ୍ ତାଙ୍କ ନାମରେ ନମୂନା ହେରଫେର କରିବା ଅଭିଯୋଗ ମଧ୍ୟ ହୋଇଥିଲା। ଡୋପିଂ ମାମଲାରେ ଅନ୍ତର୍ଜାତୀୟ ଭାରୋତ୍ତୋଳକ ସାଇରାଜ ପରଦେଶୀଙ୍କୁ ୪ ବର୍ଷ ଏବଂ ତ୍ରିକୋ ରୋମାନ କୁସ୍ତିବିତ୍ ଦାପକଙ୍କୁ ୨ ବର୍ଷ ନିଲମ୍ବନ କରାଯାଇଛି। ରେସ୍ ୱାକର ମୁନିତା ପ୍ରଜାପତି, ଟ୍ରିପଲ୍‌ଜମ୍ପର ଖୁସବୁ ବର୍ମା ଓ ସଟ୍‌ପୁଟର୍ ମଲକୀତ ସିଂହଙ୍କୁ ନିଷିଦ୍ଧ ଔଷଧ ସେବନ ଅଭିଯୋଗରେ ଅସ୍ଥାୟୀ ଭାବେ ନିଲମ୍ବନ କରାଯାଇଛି।



ବିଜୟ ମର୍ଚ୍ଚାଣ୍ଟ ଟ୍ରଫି : ହରିୟାଣାର ବିଶାଳ ସ୍କୋର

ହରିଆଣା ୫୦୨/୮, ଓଡ଼ିଶା ୫/୧୭୧

କଟକ, ୨୦।୧୧(ଏଜେନ୍ସି) ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଏଲିଟ୍-ସି (ଅଣ୍ଡର-୧୬) ବହୁଦିବସୀୟ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ଓ ହରିୟାଣା ମଧ୍ୟରେ ମୁକାବିଲା ଜାରି ରହିଛି। ବିସିସିଆଇର ୨୦୨୬-୨୭ ଘରୋଇ କ୍ରିକେଟ୍ ସିଜନ୍‌ର ଏହି ମ୍ୟାଚ୍ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ୍ ଆସୋସିଏସନ୍‌ର ନାଭୁଲେ ଷ୍ଟାଡିୟମ୍, ଶିବମୋଗାଠାରେ ଖେଳାଯାଉଛି। ମ୍ୟାଚ୍‌ର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ହରିୟାଣା ନିଜର ପ୍ରଥମ ଇନିଂସରେ ୮ ୱିକେଟ୍ ହରାଇ ୫୦୨ ରନ୍ କରି ଇନିଂସ ଘୋଷଣା କରିଛି। ହରିୟାଣା ପକ୍ଷରୁ ଯଶବର୍ଦ୍ଧନ ରାଠୀ ୩୦୯ ବଲ୍‌ରୁ ୧୬୮ ରନ୍‌ର ଚମତ୍କାର ଇନିଂସ ଖେଳିଥିବାବେଳେ ଅଶ୍ୱିନ ଲୋହାନ ୧୬୪ ବଲ୍‌ରୁ ୧୧୭ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ପକ୍ଷରୁ ସିଦେଶ୍ୱର ବାଗ ୮୮ ରନ୍ ବ୍ୟୟ କରି ୪ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ସୁଭମ ପରିଡ଼ା ଗୋଟିଏ ୱିକେଟ୍ ନେଇଥିଲେ। ଏହାର ଜବାବରେ ଓଡ଼ିଶା ନିଜର ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୫୭.୫ ଓଭରରେ ୫ ୱିକେଟ୍ ହରାଇ ୧୭୧ ରନ୍ ସଂଗ୍ରହ କରିଛି। ଓଡ଼ିଶା ପକ୍ଷରୁ ମିଧାଂଶୁ ଦାସ ୧୬୩ ବଲ୍‌ରୁ ୮୨ ରନ୍ କରି ଦଳର ସ୍କୋରକୁ ଆଗକୁ ବଢ଼ାଇଥିବାବେଳେ ସୁରଜ ଜୟସ୍ୱାଲ ୫୧ ବଲ୍‌ରୁ ୩୯ ରନ୍ କରି ଅପରାଜିତ ରହିଛନ୍ତି। ହରିୟାଣା ପକ୍ଷରୁ କାର୍ତ୍ତିକ ଅଧାନା ଓ ଯଶବର୍ଦ୍ଧନ ରାଠୀ ୨ଟି ଲେଖାଏଁ ୱିକେଟ୍ ହାସଲ କରିଛନ୍ତି। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ହରିୟାଣା ୩ ୱିକେଟ୍ ହରାଇ ୩୨୦ ରନ୍ କରିଥିଲା। ସେତେବେଳେ ଯଶବର୍ଦ୍ଧନ ରାଠୀ ୧୪୪ ରନ୍ କରି ଅପରାଜିତ ଥିବାବେଳେ ବିରାଟ ତ୍ୟାଗୀ ୬୨ ରନ୍ କରିଥିଲେ। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ହରିୟାଣା ଠାରୁ ଓଡ଼ିଶା ୩୩୧ ରନ୍‌ରେ ପଛୁଆ ରହିଛି। ଆଗାମୀ ଦିନର ଖେଳରେ ଓଡ଼ିଶା ବ୍ୟାଟରମାନଙ୍କ ଉପରେ ଦଳର ସ୍ଥିତି ସୁଧାରିବାର ଦାୟିତ୍ୱ ରହିବ।

ଦୁଇ ବର୍ଷ ପରେ ଟେଷ୍ଟ ସିରିଜର ବିଜୟ ସ୍ୱାଦ ଚାଖିଲା ପାକିସ୍ତାନ



କରାଚୀ, ୨୦।୧୧(ଏଜେନ୍ସି) ଦୀର୍ଘ ୨ ବର୍ଷ ଧରି ପାକିସ୍ତାନ କରିଥିବା ଅପେକ୍ଷାର ଅନ୍ତ ହୋଇଛି। ୨ ବର୍ଷ